আজি - ଶନିବାର
ତାରିଖ - ୨୬ ଅକ୍ଟୋବର ୨୦୨୪
ମାସ - ତୁଳା, ଦିନ - ୧୦
ତିଥି - ଦଶମୀ , ପକ୍ଷ - କୃଷ୍ଣ
ନକ୍ଷତ୍ର - ଅଶ୍ଲେଷା, କର୍କଟ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୪୯:୦୦
ସୂର୍ଯ୍ୟାସ୍ତ - ୫:୧୩:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.theajikali.com

"ପଛକୁ ଚାହଁ ନାହିଁ- ଆଗକୁ, ଅସୀମ ଶକ୍ତି, ଅସୀମ ଉତ୍ସାହ, ଅସୀମ ସାହସିକତା ଏବଂ ଅସୀମ ଧୈର୍ଯ୍ୟ- ତାହା ହେଲେ ହିଁ ବଡ଼ ବଡ଼ କାମ ହାସଲ କରାଯାଇ ପାରିବ" ॥

- ସ୍ୱାମୀ ବିବେକାନନ୍ଦ

Vol.- 39 ISSUE- 192 R.N.I. REGD. No. 44026/86 ବାଲେଶ୍ୱର ୨୬ ଅକ୍ଟୋବର ୨୦୨୪ ଶନିବାର BALASORE 26 OCTOBER 2024 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

# ଦୁର୍ବଳ ହେଲା ବାତ୍ୟା 'ଦାନା' : ସଫଳ ମୁକାବିଲା ପାଇଁ ସବୁ ବିଭାଗକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଗୁରୁବାର ମଧ୍ୟରାତ୍ରରେ ମାଡ଼ ହେଲା ବାତ୍ୟା ଦାନା । ଭିତରକନିକା ହବାଲିଖଟି ନେଚରକ୍ୟାମ୍ପ ନିକଟରେ ବାତ୍ୟା ଦାନା ଅତିକ୍ରମ କଲା ସ୍ଥଳଭାଗ । ରାତି ୧୨ଟା ୫ରୁ ଆରମ୍ଭ ହୋଇଥିଲା ଲ୍ୟାଣ୍ଡଫଲ ପ୍ରକ୍ରିୟା । ରାତି ପ୍ରାୟ ସାଢ଼େ ଗୋଟାଏରୁ ସାଢ଼େ ୩ଟା ମଧ୍ୟରେ ବାତ୍ୟା ଦାନା ହବାଲିଖଟି ନେଚରକ୍ୟାମ୍ପ ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିବା ନେଇ ସୂଚନା ଦେଇଥିଲେ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି । ଏହାର ପ୍ରଭାବରେ ଘଂଟା ପ୍ରତି ୧୦୦ରୁ ୧୨୦ କିମି ବେଗରେ ବହିଥିଲା ପବନ । ଫଳରେ ଅନେକ ଗଛ ଟଳିପଡ଼ିଥିବାବେଳେ ଭାଙ୍ଗି ଯାଇଛି ଚାଳ ଛପର ଘର । 'ଦାନା'ର ଲ୍ୟାଣ୍ଡଫଲ ପ୍ରକ୍ରିୟା ଶେଷ ହୋଇସାରିଥିବାବେଳେ ଏବେ ଏହା ଧାମରାଠାରୁ ଉତରକୁ ୧୫ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି । ଲ୍ୟାଣ୍ଡଫଲ୍ ପରେ ଏହା ପର୍ଶ୍ଚିମ-ଉତର ପର୍ଶ୍ଚିମ ଦିଗରେ ଗତି କରିବା ସହ ଭୀଷଣ ବାତ୍ୟାରୁ ବାତ୍ୟାର ରୂ ନେଇଥିବା ନେଇ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆଜି ପୂର୍ବାହ୍ନରେ ଦୁର୍ବଳ ହେବ ଦାନା । ବାତ୍ୟା ପ୍ରଭାବରେ ଭିତରକନିକା, ଧାମରା, କେନ୍ଦ୍ରାପଡାର ପେଣ୍ଠ ସମେତ ବିଭିନ୍ନ ଅଂଚଳରେ ଚାଳଛପର ଘର ସହ ଅନେକ ଆଜବେଷ୍ଟସ ଘର ନଷ୍ଟ ହୋଇଛି । ଆଉ କେଉଁଠି ରାସ୍ତା ଉପରେ ଟଳିପଡିଛି ଗଛ । ଏପରିକି ଝଡବର୍ଷା ବେଳେ ଅସ୍ତବ୍ୟସ୍ତ ହୋଇପଡିଥିଲେ ବନ୍ୟଜନ୍ତୁ । ଏବେ କେନ୍ଦ୍ରାପଡା, ଜଗତସିଂହପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଲାଗିରହିଛି ବର୍ଷା । ତା' ସହ କୋହଲା ପବନ ବହୁଛି । ଗଛ ପଡି ବିଭିନ୍ନ ସ୍ଥାନରେ ଅବରୋଧ ହୋଇଥିଲା ରାସ୍ତାଘାଟ । ତେବେ ସବୁଠି ତୁରନ୍ତ ପହଂଚି ରାତି ତମାମ ଗଛଗୁଡିକୁ କାଟି ରାସ୍ତା ଅବରୋଧ ହଟାଇଛି ଅଗ୍ନିଶମ ଟିମ୍ । ୪ଟି ଜିଲ୍ଲା- ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାରେ ବାତ୍ୟା ଦାନା ତାଣ୍ଡବ ରଚିଥିବା ଜଣାପଡ଼ିଛି । ବାତ୍ୟା ଯୋଗୁ ପ୍ରାୟ ୬ ଲକ୍ଷ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଅବା ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ମୁଖ୍ୟମନ୍ତ୍ରୀ ବିଳମ୍ବିତ ରାତିରେ ସମୀକ୍ଷା ବୈଠକ କରିଥିଲେ । ବାତ୍ୟା ଆଶୟସ୍ଥଳରେ ଥିବା ଲୋକଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।



ବିଭିନ୍ନ ସ୍ଥାନରେ ଚାଳ ଛପର ଘର ସହ ଗଛ ଭାଙ୍ଗିଛି

## ବାତ୍ୟା ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

### ୧୧ ଜିଲ୍ଲାର ଜିଲ୍ଲାପାଳନଙ୍କ ସହ ଆଲୋଚନା କଲେ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସକାଳେ ପୁଣି ବାତ୍ୟାର ସମୀକ୍ଷା କରିଥିଲେ । ଏନେଇ ସେ ଏକ ବୈଠକ କରିଥିଲେ । ଏଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ୱାଇ ବି ଖୁରାନିଆ ଓ ସ୍ୱତନ୍ତ୍ର ରିଲିଫ୍ କମିସନର୍ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ସହ କଥା ହୋଇଥିଲେ । ବାତ୍ୟା ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜିରୋ କାଜୁଆଲିଟିରେ ଆମେ ସଫଳ ହୋଇଛୁ । ସଫଳ ମୁକାବିଲା ପାଇଁ ସବୁ ବିଭାଗକୁ ସେ ପ୍ରଶଂସା କରିଥିଲେ । କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦିନ ୧ଟା ସୁଦ୍ଧା ରାସ୍ତା ସଫା କାମ ସରିଛି । ସନ୍ଧ୍ୟା ୬ଟା ସୁଦ୍ଧା ବିଦ୍ୟୁତସେବା ସ୍ୱାଭାବିକ ହୋଇଥିଲା ।୬ ହଜାର ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଥିଲା । ବାତ୍ୟା କାଳରେ ୧୬ ଶହ ଶିଶୁ ଜନ୍ମ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ବାତ୍ୟା 'ଦାନା' ଦ୍ୱାରା ପ୍ରଭାବିତ ହେବାକୁ ଥିବା ୧୧ଟି ଜିଲ୍ଲା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାପାଳଙ୍କ ସହିତ ବାତ୍ୟା ମୁକାବିଲା ପ୍ରସ୍ତୁତିର ଅଗ୍ରଗତି ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରିଥିଲେ ।



## ଅଳ୍ପରେ ଖବର

- ଶିମିଳିପାଳ ଭିତରେ ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଶିମିଳିପାଳ ଅଭୟାରଣ୍ୟକୁ ଆଉ ତିନିଦିନ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରଖା ଦିଆଯାଇଛି । ବାତ୍ୟା 'ଦାନା' ଗୁରୁବାର ରାତିରେ ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ୍ କରିଛି ।
- କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଧୀନ ବୁଦାନାଇ ଜଙ୍ଗଲରେ ପୁଣି ସକ୍ରିୟ ହୋଇଛନ୍ତି ମାଓବାଦୀ । ଆଜି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା ।
- ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି ବାତ୍ୟା 'ଦାନା'ର ଲ୍ୟାଣ୍ଡଫଲ୍ ପ୍ରିକ୍ରିୟା । ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ମଧ ଛାଡି ପାଗ ଅନୁକୂଳ ହେବାରେ ଲାଗିଛି ।
- ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲିଲା ପୁରୀ । ବାତ୍ୟା ଦାନା ପାଇଁ ସୁରକ୍ଷା ଦୃଷ୍ଟିରୁ ପୁରୀକୁ ପର୍ଯ୍ୟଟକମାନଙ୍କୁ ସରକାର ଓ ପ୍ରଶାସନ ପକ୍ଷରୁ ବାରଣ କରାଯାଇଥିଲା । ବାତ୍ୟାର ପ୍ରଭାବ କମିବା ପରେ ପର୍ଯ୍ୟଟକଙ୍କ ପାଇଁ ଥିବା କଟକଣା ପ୍ରତ୍ୟାହୃତ କରାଯାଇଛି ।

## ଭାରତର ମହାକାଶ କ୍ଷେତ୍ରକୁ ହଜାରେ କୋଟି ଟଙ୍କାର ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ ଭାରତର ମହାକାଶ କ୍ଷେତ୍ରକୁ ସହାୟତା କରିବା ପାଇଁ ୧, ୦୦୦ କୋଟି ଭେଂଚର କ୍ୟାପିଟାଲ (ଭିସି) ପାଣ୍ଠି ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛି । IN-SPACe (ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର) ଙ୍କ ଅଧୀନରେ ବିକଶିତ ହୋଇଥିବା ଏହି ଅଗ୍ରଗାମୀ ପଦକ୍ଷେପ, ସ୍ପେସ୍ ଷ୍ଟାର୍ଟଅପ୍ ର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଭାରତର ମହାକାଶ ଅର୍ଥନୀତିକୁ ମଜବୁତ କରିବା ଏବଂ ମହାକାଶ ପ୍ରଯୁକ୍ତିବିଦ୍ୟାରେ ଦେଶକୁ ବିଶ୍ୱ ଅଗ୍ରଣୀ ଭାବରେ ସ୍ଥାନିତ କରିବା । ଏହି ପାଣ୍ଠିର ପ୍ରତିଷ୍ଠା ସରକାରଙ୍କ ନୂତନତ୍ୱକୁ ପ୍ରୋତ୍ସାହିତ କରିବା, ଅର୍ଥନ ଶକ୍ତଙ୍ଗସ୍ପଷ ତିକ ଅଭିବୃଦ୍ଧି ସୁନିଶ୍ଚିତ କରିବା ଏବଂ ଉଚ୍ଚ-ବୈଷୟିକ ଶିଳ୍ପରେ ଆତ୍ମନିର୍ଭରଶୀଳତାର ବ୍ୟାପକ ଦୃଷ୍ଟିକୋଣ ସହିତ ସମାନ ଅଟେ, ଯାହାଫଳରେ ଅଟମାନୀର ଭାରତଙ୍କ ଲକ୍ଷ୍ୟକୁ ସମର୍ଥନ କରେ ମହାକାଶ କ୍ଷେତ୍ର ପାଇଁ ଭାରତର ରଣନୀତିକ ଦୃଷ୍ଟିକୋଣ ସହିତ ସମାନ ହେବା ପାଇଁ ୧୦୦୦ କୋଟି ଭିସି ପାଣ୍ଠି ଗଠନ କରାଯାଇଛି ଏବଂ ୨୦୨୦ ମହାକାଶ ସଂସ୍କାରରେ ଧାର୍ଯ୍ୟ ଲକ୍ଷ୍ୟକୁ ସମର୍ଥନ କରେ । ସ୍ପେସ୍ ଟେକ୍ନୋଲୋଜିର ଉଚ୍ଚ ବିପଦପୂର୍ଣ୍ଣ, ଉଚ୍ଚ-ପୁରସ୍କାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଘରୋଇ କମ୍ପାନୀଗୁଡିକର ଅନନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପାଣ୍ଠି ଡିଜାଇନ୍ କରାଯାଇଛି । ନିମ୍ନଲିଖିତ ଲକ୍ଷ୍ୟ ହାସଲ କରିବାକୁ ପାଣ୍ଠି ଲକ୍ଷ୍ୟ ରଖିଛି: କ୍ୟାପିଟାଲ୍ ଇନଫ୍ୟୁଜନ୍: ପୁଞ୍ଜି ପାଣ୍ଠି ପରବର୍ତୀ ପର୍ଯ୍ୟାୟ ବିକାଶ ପାଇଁ ଅତିରିକ୍ତ ଅର୍ଥ ପ୍ରଦାନକୁ ଉତ୍ସାହିତ କରିବ, ବଜାର ଆତ୍ମବିଶ୍ୱାସ ସୃଷ୍ଟି କରିବ ଏବଂ ଅଭିବୃଦ୍ଧି ପାଇଁ ପ୍ରାଥମିକ ପର୍ଯ୍ୟାୟ ଆର୍ଥିକ ସହାୟତା ପ୍ରଦାନ କରିବ । ପ୍ରତିଭା ଧାରଣ ଏବଂ ଘରୋଇ ବିକାଶ: ଉନ୍ନତ ଆର୍ଥିକ ସୁଯୋଗ ହେତୁ ଅନେକ ଭାରତୀୟ ଷ୍ଟାର୍ଟଅପ୍ ବିଦେଶକୁ ସ୍ଥାନାନ୍ତରିତ ହୁଅନ୍ତି । ମହାକାଶ ଅର୍ଥନୀତିର ପାଂଚଗୁଣ ବିସ୍ତାର: ମହାକାଶ ପ୍ରଯୁକ୍ତିବିଦ୍ୟାରେ ଭାରତର ଏକ ପ୍ରମୁଖ ବିଶ୍ୱ ଖେଳାଳି ଭାବରେ ଭାରତ ପ୍ରତିଷ୍ଠାକୁ ସମର୍ଥନ କରି ଆସନ୍ତା ଦଶନ୍ଧି ମଧ୍ୟରେ ଭାରତର ମହାକାଶ ଅର୍ଥନୀତିକୁ ପାଂଚ ଗୁଣ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ବାତ୍ୟାରେ ଘର ଭାଙ୍ଗିଥିବା ଲୋକଙ୍କୁ ମିଳିବ ପକ୍କା ଘର

### ୭ ଦିନ ଭିତରେ ହେବ କ୍ଷୟକ୍ଷତିର ଆକଳନ: ମନ୍ତ୍ରୀ ସୁରେଶ ପୂଜାରୀ




ଭୁବନେଶ୍ୱର: ଶେଷ ହେଲା ଲ୍ୟାଣ୍ଡଫଲ ପ୍ରକ୍ରିୟା । ଲ୍ୟାଣ୍ଡଫଲ ପରେ ଦୁର୍ବଳ ହୋଇଛି ବାତ୍ୟା ଦାନା । ଆଗାମୀ ୬ ଘଂଟା ମଧ୍ୟରେ ଗଭୀର ଅବପାତର ରୂପ ନେବ । ଗତ ରାତି ପ୍ରାୟ ସାଢ଼େ ୧ଟା ସମୟରେ ଆରମ୍ଭ ହୋଇଥିଲା ଲ୍ୟାଣ୍ଡଫଲ ପ୍ରକ୍ରିୟା । ଭୋର ସାଢ଼େ ୩ଟା ସମୟରେ ସ୍ଥଳଭାଗ ଅତିକ୍ରମ କରିଥିଲା ବାତ୍ୟାର ମଧ୍ୟଭାଗ । ସ୍ଥଳ ଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ଥିଲା ଘଂଟାପ୍ରତି ୧୦୦ରୁ ୧୨୦ କି.ମି । ଭିତରକନିକାର ହବାଲିଖଟି ନେଚର କ୍ୟାମ୍ପ ଓ ଧାମରା ନିକଟ ଦେଇ ସ୍ଥଳ ଭାଗ ଅତିକ୍ରମ କରିଥିଲା ବାତ୍ୟା ଦାନା । ବାତ୍ୟାପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ସେ କହିଛନ୍ତି ଯେ, ଏହା ମୋ ପାଇଁ ନିଆରା ଅନୁଭୂତି । ସମସ୍ତଙ୍କ ସହ ବୈଠକ କରିଛି । ଚେହେରା ଚାପ ମୁକ୍ତ ହୋଇଛି । ଓଡ଼ିଶାବାସୀଙ୍କ ବିଜୟ ହେଲା । ବିରୋଧୀ ଦଳ ଭାବରେ ଓଡ଼ିଶା ପୁଲିସର ଚେହେରା ଦେଖିଥିଲି ଏବେ ପୁଲିସ ପ୍ରତି ସମ୍ବେଦନଶୀଳ ଆସିଲା । ଗୋଟେ ମଣିଷ ପ୍ରେମୀ ଚେହେରା ଦେଖିଲି । ରାସ୍ତା ସଫା ସରିଲାଣି । ୪ ଘଂଟା ଭିତରେ ରାସ୍ତା ସଫା ସରିଲାଣି । ଟେଲିକମ ର କୌଣସି ଅଭିଯୋଗ ଆସିନାହିଁ । କିଛି ଜାଗାରେ ତାର ଛିଣ୍ଡିଯିବା ଯୋଗ୍ୟ ବିଦ୍ୟୁତ ବ୍ୟାଘାତସେବା ହେଇଛି । ସୂର୍ଯ୍ୟାସ୍ତ ପୂର୍ବରୁ ବିଦ୍ୟୁତ ସଂଯୋଗ ହେବ । ୧୬ ସହ ମାଆ ମାନେ ପ୍ରସବ କରିଛନ୍ତି । ୧୩ ଜଣ ଯାଆଁଳା ଶିଶୁ ଜନ୍ମ ହୋଇଛନ୍ତି । ଏବେ ମଧ ଖାଲୁଆ ଜାଗାରେ ପାଣି କାଟିନି ଯେଉଁମାନେ ରିଲିଫ ସେଂଟରରେ ରହିବା ପାଇଁ ଚାହିଁବେ ରହିପାରିବେ ରନ୍ଧା ଖାଦ୍ୟ ଦିଆଯିବ । ଯେଉଁମାନେ ଘରକୁ ଯିବେ ରିଲିଫ ସେଂଟରରେ ଜଣାଇ ଯାଇପାରିବେ । ଆଶା ଦିଦି ଶ୍ରାବଣୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ରାଜସ୍ୱ ମନ୍ତ୍ରୀ । ଗୋ ସମ୍ପଦକୁ ସୁରକ୍ଷା କରିବାରେ ଓଡ଼ିଶା ସରକାର ରେକର୍ଡ କରିଛନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ ପ୍ରଶଂସା କରିଛନ୍ତି ମନ୍ତ୍ରୀ । ସୁରେଶ ପୂଜାରୀ ଦାନାର ଅର୍ଥ ଦୟା ବାତ୍ୟା ଓଡ଼ିଶା ପ୍ରତି ସମ୍ବେଦନଶୀଳ ଥିଲା । ଅତୀତରେ ସଫଳତା ପାଇଛୁ । ଆସନ୍ତାକାଲି କ୍ଷେତ୍ର ପରିଦର୍ଶନ କରାଯିବ । ୨୬ ତାରିଖରେ ଫିଲ୍ଡ ଷ୍ଟାଫ କ୍ଷୟକ୍ଷତି ଆକଳନ କରିବେ । ଫସଲ ଓ ଘର କ୍ଷୟକ୍ଷତି ଆକଳନ ୭ ଦିନ ଭିତରେ ହେବ ।

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଆଇଗଟ୍ ଲ୍ୟାବ ପ୍ରତିଷ୍ଠା

### ଏକ ପ୍ରଶଂସନୀୟ ପଦକ୍ଷେପ : କେନ୍ଦ୍ର ମନ୍ତ୍ରୀ ଡ. ଏଲ୍. ମୁରୁଗନ୍




ନୂଆଦିଲ୍ଲୀ : ଜାତୀୟ ଶିକ୍ଷା ସପ୍ତାହ ୨୦୨୪ ପୁରସ୍କାର ବିତରଣ ସମାରୋହ ଏବଂ ଆଇଗଟ୍ ଲ୍ୟାବ୍ ଏବଂ ଶିକ୍ଷଣ କେନ୍ଦ୍ରର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଡ. ଏଲ୍. ମୁରୁଗନ୍ କର୍ମଯୋଗୀ ସପ୍ତାହ ସମାପ୍ତିର ଉତ୍ସବ ପାଳନ କରିଛନ୍ତି । ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ସଞ୍ଜୟ ଜାଜୁ, ସ୍ୱତନ୍ତ୍ର ସଚିବ ଶ୍ରୀମତି ନୀରଜା ଶେଖର, ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ତଥା ବରିଷ୍ଠ କଳାକାରମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କର୍ମଯୋଗୀ ସପ୍ତାହ – ଜାତୀୟ ଶିକ୍ଷା ସପ୍ତାହ (ଏନ୍ଏଲ୍ଡବ୍ଲ୍ୟୁ) କର୍ମଯୋଗୀ ସପ୍ତାହ – ଜାତୀୟ ଶିକ୍ଷା ସପ୍ତାହ (ଏନ୍ଏଲ୍ଡବ୍ଲ୍ୟୁ) ହେଉଛି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭବିଷ୍ୟତ ପାଇଁ ପ୍ରସ୍ତୁତ ସିଭିଲ ସର୍ଭିସ ଗଠନ କରିବାକୁ ଏବଂ ଏହି ସପ୍ତାହରେ ସମସ୍ତ ସ୍ତରରେ ସରକାରୀ କର୍ମଚାରୀଙ୍କ ଦକ୍ଷତାକୁ ଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ମୂଲ୍ୟବୋଧରେ ଗଭୀର ଭାବରେ ଗଢ଼ି ଉଠିଛି । ଏହି ଅବସରରେ ସୂଚନା ଓ ପ୍ରସାରଣ ରାଜ୍ୟ ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ୍ ୩ ମିଲିୟନ୍ରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଦକ୍ଷତା ଏବଂ କୌଶଳ ବୃଦ୍ଧି କରିବା ତଥା ୨୨ ମିଲିୟନରୁ ଅଧିକ ରାଜ୍ୟ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ୫ ମିଲିୟନ୍ ସହରୀ ସ୍ଥାନୀୟ ସଂସ୍ଥା (ୟୁଏଲ୍ବି) ପାଇଁ ନିରନ୍ତର ଶିକ୍ଷା ଉପଲବ୍ଧତା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ କିପରି ଉଭୟ ସ୍ଥାୟୀ ଏବଂ ଚୁକ୍ତିଭିତିକ କର୍ମଚାରୀଙ୍କ ପାଇଁ ଖୋଲା ରହିଛି, ଯାହା ଜାତୀୟ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବରେ ଆଜୀବନ ଶିକ୍ଷାକୁ ପ୍ରୋତ୍ସାହିତ କରିବ ବୋଲି ସେ ଆଲୋକପାତ କରିଥିଲେ । ଆଇଗେଟ୍ ଲ୍ୟାବ : ଶିଖିବାକୁ ବୃଦ୍ଧି କରିବା : ଡ. ଏଲ୍. ମୁରୁଗନ୍ କହିଥିଲେ ଯେ, ମନ୍ତ୍ରଣାଳୟ ସୋସିଆଲ୍ ମିଡିଆର ଉପଯୋଗ, ଚଳଚ୍ଚିତ୍ର ଜ୍ଞାନର ବିକାଶ ଏବଂ ଫୋଟୋଗ୍ରାଫି କୌଶଳ ବୃଦ୍ଧି ଉପରେ ୩ଟି ୱେବିନାର ଆୟୋଜନ କରିଛି ।

## ଭାରତୀୟ ସମାଜ ଓ ବଜାର ପାଇଁ ଷ୍ଟାର୍ଟଅପ୍ ଗୁଡ଼ିକୁ ବିକଶିତ କରିବା ଉପରେ ଆଲୋଚନା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ସିଡନୀ/ଅଷ୍ଟ୍ରେଲିଆ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଷ୍ଟ୍ରେଲିଆ ଗସ୍ତର ଅନ୍ତିମ ଦିନରେ ଗବେଷଣା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ଗବେଷକଙ୍କୁ ଭେଟି ଦୁଇ ଦେଶର ଶିକ୍ଷା ବ୍ୟବସ୍ଥା ଓ ଗବେଷଣା ଉପରେ ଆଲୋଚନା କରିଛନ୍ତି । ଏହାସହ ଅଷ୍ଟ୍ରେଲିଆର କେତୋଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡିକରେ ଥିବା ଟେକ୍ନୋଲୋଜି ଓ କ୍ରୀଡ଼ା ଆଧାରିତ ଅଭିନବ କ୍ୟାମ୍ପସ ଓ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଅଷ୍ଟ୍ରେଲିଆର ଗବେଷଣା ଭିତିକ ବିଶ୍ୱବିଦ୍ୟାଳୟସମୂହ 'ଗ୍ରୁପ୍ ଅଫ୍ ୮' ଏବଂ 'ୟୁନିଭରସିଟି ଅଫ୍ ନ୍ୟୁ ସାଉଥ ୱେଲ୍ସ' ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅଷ୍ଟ୍ରେଲିଆରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକଙ୍କ ସହ ଶିକ୍ଷା ମନ୍ତ୍ରୀ ସାକ୍ଷାତ୍ ଆଲୋଚନା କରିଛନ୍ତି । ରୋବୋଟିକ୍ସ, କେମିକାଲ୍ସ, ଆଷ୍ଟ୍ରୋଫିଜିକ୍ସ, ସୁପର-କଣ୍ଡକ୍ଟିଭିଟି, ବିନିର୍ମାଣ କ୍ଷେତ୍ରରେ ଏଆଇ, ସ୍ୱାସ୍ଥ୍ୟସେବା, ମେଡ୍ଟେକ୍, ଜଳବାୟୁ ପରିବର୍ତନ, ୱାଟର ମ୍ୟାନେଜମେଂଟ ଏବଂ ଅର୍ବାନ ପ୍ଲାନିଂ କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଉପରେ ଭାରତର ଛାତ୍ରଛାତ୍ରୀ ଏବଂ ଗବେଷକମାନେ କାର୍ଯ୍ୟ କରୁଥିବା ଜାଣି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ ।




# ବାଲେଶ୍ୱର : 'ଦାନା'ର ପ୍ରଭାବରେ ପ୍ରଭୂତ କ୍ଷୟକ୍ଷତି











ବାଲେଶ୍ୱର (ନି.ପ୍ର.) ବହୁ ଆକାଂକ୍ଷିତ ବାତ୍ୟା 'ଦାନା' ଭିତରକନିକା ଅନ୍ତର୍ଗତ ହବାଲିଖଟି ନେଚର୍ କ୍ୟାମ୍ପ ନିକଟରେ ଗତକାଲି ରାତିରେ ସ୍ଥଳଭାଗ ଛୁଇଁବା ପରେ ଉପକୂଳବର୍ତୀ ବିଭିନ୍ନ ଜିଲ୍ଲାରେ ପ୍ରଭୁତ କ୍ଷୟକ୍ଷତି କରିଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି । ଏହି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆଜି ମଧ ଜାରି ରହିଥିବା ବେଳେ ମଧରାତ୍ର ଠାରୁ ଦକ୍ଷିଣ ବାଲେଶ୍ୱରର ବିଭିନ୍ନ ବ୍ଲକ୍ ପ୍ରଭାବିତ ହୋଇଛି । ତେବେ 'ଦାନା'ର ପ୍ରଭାବ ବାଲେଶ୍ୱର ସହରକୁ ବିଶେଷ କ୍ଷତି ପହଂଚାଇ ନଥିବା ବେଳେ ସହର ଆପାତତଃ ଜନଶୂନ୍ୟ ରହିଛି । ଗୁରୁବାର ଠାରୁ ଲଗାଣ ବର୍ଷା ଓ ପବନ ଲାଗି ରହିବା ଯୋଗୁଁ ଗଛ ଭାଙ୍ଗିବା ସହ ବିଦ୍ୟୁତ ଖୁଂଟ ମଧ ଉପୁଡିଛି । ଶୁକ୍ରବାର ଦିନ ବାଲେଶ୍ୱର ସହରରେ ଲଗାଣ ବର୍ଷା ସହ ତୁହାକୁ ତୁହା ପବନ ଲାଗି ରହିଛି । ବେଳେବେଳେ ପବନର ବେଗ ମଧ ବୃଦ୍ଧି ପାଉଛି । ବାତ୍ୟା ପ୍ରଭାବରେ ବାଲେଶ୍ୱର ସହର ଜନଶୂନ୍ୟ ଥିବାବେଳେ ପବନ ଓ ବର୍ଷାରେ ଅଶାନ୍ତି ହୋଇପଡିଛି ସମଗ୍ର ସହର । ଲଗାଣ ବର୍ଷା ଯୋଗୁଁ ସହରବାସୀଙ୍କ ଜୀବନ ଅସ୍ତବ୍ୟସ୍ତ ଥିବାବେଳେ ପବନ ଯୋଗୁଁ ଶ୍ରୀହୀନ ହୋଇଛି ସହର । ରାସ୍ତା, ଡ୍ରେନ୍ ଆଦି ଗଛ, ଡାଳରେ ଭର୍ତି ହୋଇଥିବା ବେଳେ ଏହାକୁ ସଫା କରିବା ପାଇଁ କାମରେ ଲାଗିଛନ୍ତି ଟିମ୍ । 'ଦାନା' ସ୍ଥଳଭାଗ ଛୁଇଁବା ସମୟରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ବାଲେଶ୍ୱର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ବାଲେଶ୍ୱର ସହର ଓ ରେମୁଣା ଅଂଚଳରେ ଗଛ ସହ ଗଛର ଡାଳ ପଡି ବିଦ୍ୟୁତ ଓ ଟେଲିଫୋନ୍ ତାର ଛିଣ୍ଡି ଯାଇଛି । ଏମିତିକି ପବନ ମାଡ଼ରେ ବାଲେଶ୍ୱର ସହର ଓ ରେମୁଣାରେ ବଡ଼ ବଡ ଗଛ ଧରାଶାୟୀ ହୋଇପଡ଼ିଛି । ରେମୁଣା ବ୍ଲକ ନିଜାମପୁର ପଂଚାୟତ ଡୁମୁଡାରେ ଗୃହ ଭାଙ୍ଗିଯିବା ଯୋଗୁଁ ରାସ୍ତା ଅବରୋଧ ସହ ବିଦ୍ୟୁତ ତାର ଛିଣ୍ଡି ଯାଇଛି । ସେହିପରି ବାଲେଶ୍ୱର ସହରର ୨୯ ନମ୍ବର ୱାର୍ଡ ଗୋପାଳଗାଁ ରାସ୍ତା ଉପରେ କାମ ପାଇଁ ଥିବା ବାଉଁଶ ଗୃହନିର୍ମାଣ ସ୍ଥାନରୁ ଉଡି ଆସି ରାସ୍ତା ଉପରେ ପଡିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଉକ୍ତ ଅଂଚଳର କାଉନସିଲର କାର୍ତିକ ଚନ୍ଦ୍ର ସାହୁ ସେଠୀ ଉଦ୍ଧାର କାମ ନିକଟରେ ପହଂଚିଛନ୍ତି । ସେହିପରି ବାତ୍ୟା 'ଦାନା' ପ୍ରଭାବରେ ୯ ନମ୍ବର ୱାର୍ଡ ପୋଲିସ ଲାଇନ୍ ନିକଟରେ ବଡ଼ ବଡ ପଟାସ୍ ଗଛ ଭାଙ୍ଗିଯାଇ ରାସ୍ତା ଅବରୋଧ କରିଛି । ଉକ୍ତ ୱାର୍ଡ କାଉନସିଲର ସଞ୍ଜୀବ କୁମାର ଦାସ ଉକ୍ତ ସ୍ଥାନରେ ପହଂଚି ପରିସ୍ଥିତି ଦେଖିଥିଲେ ଏବଂ ଉଦ୍ଧାରକାରୀ ଟିମ୍ ପକ୍ଷରୁ ଗଛ କଟା ଯାଇ ରାସ୍ତାକୁ ଗମନାଗମନ ଉପଯୋଗୀ କରାଯାଇଛି । ସେହିପରି ସହରର ବିଭିନ୍ନ ୱାର୍ଡରେ ଛୋଟବଡ଼ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି । ଏଥିସହିତ ବାଲିଘାଟ ଠାରେ ବୁଢାବଳଙ୍ଗ ନଦୀ ଫୁଲିଥିବା ଦେଖିବାକୁ ମିଳିଥିଲା । ପ୍ରବଳ ପବନ ଯୋଗୁଁ ସାରଗାଁ ସାଉଁ ନିକଟରେ ବଡ଼ ବଡ ଗଛ ସହ ବିଦ୍ୟୁତ ଖୁଂଟ ମଧ ଗଳିପଡିଛି । ଏହାବ୍ୟତୀତ ଲଗାଣ ବର୍ଷା ଓ ପବନ ଯୋଗୁଁ ବ୍ୟାପକ ଭାବେ ଧାନ ଓ ପନିପରିବା କ୍ଷତି ହୋଇଥିବା ଜଣା ପଡ଼ିଛି । 'ଶୁକ୍ରବାର ରାତିରୁ ଦିନ ତମାମ ବାଲେଶ୍ୱର ସହରରେ ବର୍ଷା ଓ ପବନ ଲାଗି ରହିଥିବା ଯୋଗୁଁ ଆଜି ବି ଓରେଞ୍ଜ ୱାର୍ଣ୍ଣିଂରେ ବାଲେଶ୍ୱର ରହିଛି । ତେବେ ବାଲେଶ୍ୱର ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଗତ ୨୪ ଘଂଟା ମଧରେ ବାଲେଶ୍ୱର ସହରରେ ୬୮.୮ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି । ଏବେ ୨୫/୩୦ କିମି ବେଗରେ ପବନର ବେଗ ରହୁଛି । ଏହା ଆସ୍ତେ ଆସ୍ତେ କମିବ । ଦିନ ସାରା ବର୍ଷା ଓ କୋହଲା ପବନ ଲାଗି ରହିବ ବୋଲି ବାଲେଶ୍ୱର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ ସୂଚନା ଦେଇଛନ୍ତି । ତେବେ ସହରରେ ବିଦ୍ୟୁତ ସରାବରାହ ସ୍ୱାଭାବିକ ଥିବା ବେଳେ ସ୍ୱାସ୍ଥ୍ୟ ସେବା ଓ ଜଳଯୋଗାଣ ସମେତ ରାସ୍ତା ଅବରୋଧକୁ ପ୍ରାଥମିକତା ଦିଆଯାଇଛି । ଆଜି ବାତ୍ୟା ପରବର୍ତୀ କ୍ଷୟକ୍ଷତି ଆକଳନ କରିବା ପାଇଁ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳି ବୁଲି ସଠିକ କାର୍ଯ୍ୟ ଚାଲିଛି କି ନାହିଁ ତଦାରଖ କରିଥିଲେ । ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ସକାଳ ୭ର ଅପରାହ୍ନ ୨ଟା ପର୍ଯ୍ୟନ୍ତ ରେକର୍ଡ କରାଯାଇଥିବା ବର୍ଷାର ପରିମାଣ ୮୮୬ମିମି ରହିଛି । ବସ୍ତାରେ ୨୬, ଜଳେଶ୍ୱରରେ ୧୧, ବାଲିଆପାଳରେ ୩, ବାଲେଶ୍ୱର ୭୩, ରେମୁଣା ୪୦, ନୀଳଗିରି ୯୪, ସୋରୋ ୭୪, ବାହାନଗା ୭୮, ସିମୁଳିଆ ୯୪, ଖଇରା ୧୭୭ ଓ ଔପଦାରେ ସର୍ବାଧିକ ୨୧୬ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିପରି ଆୟୋଜିତ କାର୍ଯ୍ୟକ୍ରମରେ ଜଏଂଟ ଅପରେସନ କରାଯାଇଥିଲା । ଏନଡିଆରଏଫ, ଓଡ୍ରାଫ୍, ଫାୟାର, ପୋଲିସ ଏବଂ ଲୋକର୍ପ ସ୍ୱେଚ୍ଛାସେବୀମାନେ ଗଛ କାଟିବା ସହିତ ରାସ୍ତା ସଫା କରିବା କାର୍ଯ୍ୟରେ ଲାଗିଥିଲା ବେଳେ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ କରଂଜିଆ ଗ୍ରାମପଂଚାୟତ ରାମେଶ୍ୱର ମନ୍ଦିର ନିକଟରେ ଘଟଣାସ୍ଥଳରେ ପହଂଚି ଯୁଦ୍ଧକାଳୀନ ଭିତିରେ ପଡ଼ିଯାଇଥିବା ବିଶାଳ ବୃକ୍ଷକୁ କାଟିବା କାର୍ଯ୍ୟ ଆରମ୍ଭ କରିଥିଲେ । ସେହିପରି ରାଜ୍ୟ ସରକାର ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୪୯୨୬ ତା ୨୫.୧୦.୨୪ ରିଖ ମୂଳେ ସମସ୍ତ ସ୍କୁଲ ଗୁଡ଼ିକ ୨୬ ତାରିଖକୁ ଖୋଲିବାକୁ ଥିବା ବେଳେ ତାହାକୁ ପରିବର୍ତନ କରି ଆସନ୍ତା ୨୮.୧୦.୨୪ରିଖ ସ୍କୁଲ ଗୁଡ଼ିକ ଖୁଲିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବାହାନଗା ବ୍ଲକ ତାହାରପୁର ଗ୍ରାମରେ 'ଦାନା' ମୁକାବିଲା ଦାୟିତ୍ୱରେ ଥିବା ପୂର୍ବତନ ଜିଲ୍ଲାପାଳ ତଥା ସଚିବ କେ.ସୁଦର୍ଶନ ଚକ୍ରବର୍ତୀ ଘଟଣାସ୍ଥଳରେ ପହଂଚି ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ଏଯାଏଁ ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ ବୁଢ଼ାବଳଙ୍ଗରେ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୧.୮୨ ମିଟର ଏବଂ ସୁବର୍ଣ୍ଣରେଖା ୫.୨୩ମିଟର ଏବଂ ଜଳକାରେ ୪.୧୯ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି ।

## ସଦର ବିଧାୟକ ମାନସ କୁମାର ଦତଙ୍କ କଷାଫଳ, ସାର୍ଥା, ପାଂଚପଡା ପଂଚାୟତର ବିଭିନ୍ନ ବାତ୍ୟାଶ୍ରୟ ସ୍ଥଳ ପରିଦର୍ଶନ

ବାଲେଶ୍ୱର (ନି.ପ୍ର.)ବାତ୍ୟା 'ଦାନା'କୁ ନେଇ ପାଣିପାଗ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲା ପାଇଁ ଜାରି ହୋଇଛି ରେଡ ଆଲର୍ଟ । ଏଥିରେ ଜିରୋ କାଜୁଆଲଟି କ୍ଷୟକ୍ଷତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ତେବେ ବାତ୍ୟାରେ ପାଇଁ ସଦର ବ୍ଲକର ୩୭ଟି ପଂଚାୟତ ମଧରୁ ୨୩ଟି ପଂଚାୟତ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି । ବାତ୍ୟା ମୁକାବିଲା ସମ୍ପର୍କୀତ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଅନୁଧାନ ପାଇଁ ଲଗାଣ ବର୍ଷା ଓ ପବନ ସତ୍ୱେ ସଦର ବିଧାୟକ ମାନସ କୁମାର ଦତ ଦିନତମାମ ସାମ୍ଭାବ୍ୟ ପ୍ରଭାବିତ ଅଂଚଳ ପରିଦର୍ଶନ ସହ ଲୋକଙ୍କୁ ସୁରକ୍ଷିତ ରହିବା ନେଇ ପରାମର୍ଶ ଦେଇଛନ୍ତି । ଏହା ସହିତ ସବୁ ପ୍ରକାର ପରିସ୍ଥିତି ପାଇଁ ସରକାର ଲୋକଙ୍କ ସହାୟତା ପାଇଁ ସଜାଗ ରହିଥିବା କହିଛନ୍ତି । ଏହି ପରିପେକ୍ଷୀରେ ବିଧାୟକ ଶ୍ରୀ ଦତ ସଦର ନିର୍ବାଚନ ମଣ୍ଡଳୀର ସମୁଦ୍ର ତଟବର୍ତୀ କଷାଫଳ, ସାର୍ଥା, ପାଂପଡା ଅଂଳରେ ପହଂଚି ବାତ୍ୟା ପ୍ରସ୍ତୁତିକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ତିନି ବର୍ଷ ତଳେ 'ୟାସ' ବାତ୍ୟାରେ ସମ୍ପୃକ୍ତ ଅଂଚଳଗୁିଡକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ତେଣୁ ସମଦ୍ର ତଟବର୍ତୀ ଅଂଚଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀ ନେବାରେ ଶତ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଥିବା ଅଧିକାରୀମାନେ ବିଧାୟକଙ୍କୁ ସୂଚନା ଦେଇଥିଲେ । ବାତ୍ୟାଶ୍ରୟଗୁଡିକରେ ଲୋକଙ୍କ ପାଇଁ ଖାଦ୍ୟ ପେୟ ସହିତ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଶ୍ରୀ ଦତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ୨୦୨୧ ମସିହାର 'ୟାସ' ବାତ୍ୟା ପ୍ରଭାବରେ ସମୁଦ୍ର ଜୁଆର ମାଡି ଆସିବା ଯୋଗୁଁ କଷାଫଳ, ସାର୍ଥା ପଂଚାୟତ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ସ୍ଥଳଭାଗକୁ ଲୁଣା ପାଣି ମାଡି ଥିବା କାରଣରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସେଠାରେ ପାନୀୟ ଜଳର ଅଭାବ ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଥିଲା । ତେଣୁ 'ଦାନା' ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିବାରୁ ବିଧାୟକ ଶ୍ରୀ ଦତ ସନ୍ତୋଷ ପ୍ରକାଶ କରିଛନ୍ତି । ଆଦୌ ଭୟଭୀତ ନ ହୋଇ



ଧୈର୍ଯ୍ୟର ସହିତ ବାତ୍ୟାର ମୁକାବିଲା କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ବାତ୍ୟାଶ୍ରୟଗୁଡିକରେ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ମହଜୁଦ ରଖିବାକୁ ସ୍ଥାନୀୟ ପ୍ରଶାସନକୁ ଶ୍ରୀ ଦତ ପରାମର୍ଶ ଦେଇଛନ୍ତି । ବାତ୍ୟା ପ୍ରଭାବିତ ଅଂଚଳରେ ଯୋଗାଯୋଗ, ବିଦ୍ୟୁତସେବା, ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଭଳି ବିଷୟକୁ ସୁବ୍ୟବସ୍ଥିତ କରିବା ଦିଗରେ ଗୁରୁତ୍ୱ ଦେବା ପାଇଁ ଶ୍ରୀ ଦତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ସର୍ବଦା ସଜାଗ ରହିଥିବା ତଥା ସହଯୋଗ ନିମନ୍ତେ ପ୍ରସ୍ତୁତ ଥିବାରୁ ଜନସାଧାରଣଙ୍କୁ ଆଦୌ ଭୟଭୀତ ନହୋଇ ପ୍ରଶାସନ ଦ୍ୱାରା ଜାରି ହେଉଥିବା ବାତ୍ୟା ସତର୍କ ସୂଚନା ମାନିବାକୁ ବିଧାୟକ ଶ୍ରୀ ଦତ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ବାତ୍ୟା ପରବର୍ତୀ ଉଦ୍ଧାର କାର୍ଯ୍ୟରେ ସାଂସଦ, ବିଧାୟକ ଓ ମନ୍ତ୍ରୀ

ବାଲେଶ୍ୱର(ନି.ପ୍ର.) ବାତ୍ୟା ଦାନା ସ୍ଥଳଭାଗ ଛୁଇଁବା ପରେ ଜିଲ୍ଲାରେ ଭୀଷଣ ବର୍ଷା ଓ ପବନର ବେଗ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପଂାୟତିରାଜ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାୟକ, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ମାନସ କୁମାର ଦତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ବାତ୍ୟା ପରବର୍ତୀ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ସମୟ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥାପିତ 'ସାଇକ୍ଲୋନ ୱାର ରୁମ୍' ସହିତ ଯୋଗାଯୋଗ ରଖି ଜିଲ୍ଲାର ସାମୁହିକ ସ୍ଥିତିର ସମୀକ୍ଷା ଓ ତର୍ଜମା କରିଥିଲେ । ଏହାସହିତ ବାତ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ରହୁଥିବା ଅନ୍ତେବାସୀଙ୍କ ସହିତ ସାକ୍ଷାତକରି ଆଲୋଚନା କରିଛନ୍ତି । ସଫଳ ବାତ୍ୟା ମୁକାବିଲା ଓ ସୁବନ୍ଦୋବସ୍ତ କାରଣରୁ ସାଧାରଣ ଲୋକଙ୍କ ଓ ଆଶ୍ରୟସ୍ଥଳୀରେ ରହିଥିବା ଲୋକେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଜିଲ୍ଲା ପ୍ରଶାସନକୁ ଭୂରୀ ଭୂରୀ ପ୍ରଶଂସା କରିଛନ୍ତି । ସାଂସଦ ମଧ ଏହି ବିପତି ସମୟରେ ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି ।



## 'ଦାନା'ର ମୁକାବିଲା ପାଇଁ ବାତ୍ୟା ଆଶ୍ରୟସ୍ଥଳୀରେ ଦଲାଲ୍ଙ୍କ ଦୌରାତ୍ମ୍ୟ

ବାଲେଶ୍ୱର(ନି.ପ୍ର.) 'ଦାନା'ର ମୁକାବିଲା ପାଇଁ ରାଜ୍ୟ ସରକାର 'ଜିରୋ' କାଜୁଆଲିଟିର ଘୋଷଣା କରିଥିବା ବେଳେ ସମସ୍ତ କ୍ଷତିଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଜିଲ୍ଲାସ୍ତରୀୟ ମୁକାବିଲା ବାତ୍ୟା ଆଶ୍ରୟସ୍ଥଳୀକୁ ଆଣି ସେମାନଙ୍କୁ ଖାଦ୍ୟପଦାର୍ଥ, ରହଣୀ, ବିଜୁଳି, ପାନୀୟଜଳ, ଚିକିତ୍ସା, ସବୁକିଛି ବ୍ୟବସ୍ଥା କରିଛନ୍ତି । ହେଲେ ବାଲେଶ୍ୱର ସହରର ମ୍ୟୁନିସିପାଲିଟି ଅନ୍ତର୍ଗତ କେତେକ ସ୍କୁଲରେ ଯାହାକି ବାତ୍ୟା ଆଶ୍ରୟସ୍ଥଳୀ ସୃଷ୍ଟି







କରାଯାଇଛି ସେହିସବୁ ବାତ୍ୟା ଆଶ୍ରୟସ୍ଥଳୀରେ ସ୍ଥାନୀୟ ଅଂଚଳର ବାସିନ୍ଦା ତଥା ପୂର୍ବ ସରକାରର ପ୍ରତିନିଧି ଗଣ ଦବଦବା ଲଗାଇ ମ୍ୟୁନିସିପାଲିଟି କର୍ମଚାରୀଙ୍କୁ ହାତକରି ନିଜସ୍ୱ ପରିବାରକୁ ଆଣି ଏଠାରେ କ୍ଷତିଗ୍ରସ୍ତ ଲୋକଙ୍କ ସହ ମଧ୍ୟାହ୍ନଭୋଜନ ରାତ୍ରିକାଳୀନ ଭୋଜନ ସକାଳୁ ସୁଖିଲା ଖାଦ୍ୟ ଇତ୍ୟାଦି ଗ୍ରହଣ କରୁଥିବା ଦେଖିବାକୁ ମିଳିଛି । ପ୍ରକୃତରେ ପ୍ରଶାସନ ପକ୍ଷରୁ ଯୋଉଁ ସ୍କ୍ୱାର୍ଡ଼ ଗଠନ କରାଯାଉଛି ସେମାନେ ବର୍ତମାନ ନୌକାରେ ଦୁଇଧାରରେ ଗୋଡ଼ ରଖିଥିବା ଯୋଗୁଁ ଦଲାଲମାନଙ୍କ ଦୌରାତ୍ମ୍ୟ କହିଲେ ନସରେ ।

## ସହରର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କଲେ ବିଜେଡି ପ୍ରତିନିଧି ଦଳ

ବାଲେଶ୍ୱର(ନି.ପ୍ର.)ସରକାରୀ ସୁବିଧା ସୁଯୋଗ ସଠିକ ଭାବେ ମିଳୁଛି କି ନାହିଁ ପଚାରି ବୁଝିବା ସହ ବିଜେଡି ସବୁବେଳେ ଜନତା ସହ ଅଛି ଏବଂ ଦଳ ତରଫରୁ ସମସ୍ତ ସାହାଯ୍ୟ ପ୍ରଦାନ କରାଯିବ ବୋଲି କହିଲେ ପୂର୍ବତନ ସଦର ବିଧାୟକ ବାତ୍ୟା ଦାନ ପାଇଁ ତତ୍ପର ହୋଇ ଉଠିଛି ବାଲେଶ୍ୱର ଟାଉନ ବିଜେଡି ।ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତଥା ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଟାଉନ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ବାଲେଶ୍ୱର ପୌରପରିଷଦର ୩୧ ଟି ୱାର୍ଡର ୧୩ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ସରକାରୀ ସୁବିଧା ସୁଯୋଗ ସମ୍ବନ୍ଧରେ ତଦାରଖ କରିବା ସହ ସ୍ଥାନୀୟ ଜନ ପ୍ରତିନିଧି,ସରକାରୀ କର୍ମଚାରୀ,ଆଶା କର୍ମୀ,ଅଙ୍ଗନବାଡ଼ି



କର୍ମୀ,ଏ ଏଏନଏମ ଓ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ ଟାଉନ ବିଜେଡିର ପ୍ରତିନିଧି ଦଳ ।ଅନେକ ଯାଗାରେ ସଠିକ ଭାବେ କାର୍ଯ୍ୟ ଏବଂ ଖାଦ୍ୟ ମିଳିନଥିବା ନେଇ ଲୋକମାନେ ଅଭିଯୋଗ କରିବା ପରେ ଏ ବିଷୟରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦାସ ପ୍ରଶାସନ ସହ ଆଲୋଚନା କରି ସମାଧାନ କରିଥିଲେ । ବାଲେଶ୍ୱର ମୁନିସିପାଲିଟିର ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ପ୍ରତ୍ୟେକ ତ୍ୱାବଧାନରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଂଜନ ବାଗ,ଜିଲ୍ଲା ବିଜେଡି ସମ୍ପାଦକ ତଥା ପୂର୍ବତନ ଉପ ନଗରପାଳ ମନୋଜ ରାଉତ,ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଧିରେନ ନାୟକ,ରାଜ୍ୟ



ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ବିଭୁଦତ ପରିଡା,କାଉସିଲର ସେକ ଆୟୁବ,କାର୍ତିକ ସାହୁ,ପୂର୍ବତନ କାଉସିଲର ବିଶ୍ୱଜିତ ମହାପାତ୍ର, ସାକିର ଖାନ,ସଂଜୟ ବେହେରା, ବିଜେଡି ନେତା ଅତୁଲ ଶତପଥି, ଅଶୋକ ଆଢ୍ୟ,ବାଦଲ ଦତ, ଛାତ୍ର ନେତା ସୌଭାଗ୍ୟ ଖୁଁଆ ଏବଂ ତପନ ଦାସ ପ୍ରମୁଖ ସାମିଲ ହୋଇଥିଲେ ।ସେହିପରି ସଦର ବ୍ଲକର ୨୬ଟି ପଂାୟତର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଲୋକଙ୍କ ସୁବିଧା ଅସୁବିଧା ବୁଝିଥିଲେ ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ।ଶ୍ରୀଯୁକ୍ତ ଦାସଙ୍କ ସହ ସାଂସଦ ପାର୍ଥିନୀ ଲେଖାଶ୍ରୀ ସାମନ୍ତସିହାଂର ଏବଂ ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ଉପସ୍ଥିତ ଥିଲେ ।





# ବାତ୍ୟା ସ୍ଥିତି ଅନୁଧ୍ୟାନ କଲେ ଖାଉଟି ଯୋଗାଣମନ୍ତ୍ରୀ

କେନ୍ଦୁଝର(ନିପ୍ର): ଗୁରୁବାର ରାତିରେ ବାତ୍ୟା ଦାନା ସ୍ଥଳଭାଗ ଛୁଇଁବା ପରେ ଭିତର କନିକା ଓ ଧାମରା ଅଂଚଳରେ ଅଧିକା ପ୍ରଭାବ ପକାଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଅଧିକ ବର୍ଷା ଓ ଅଳ୍ପ ପବନ ଦେଖିବାପାଇଁ ମିଳିଛି । ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସକାଳୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ସିଂ ଖୁଂଟିଆ କେନ୍ଦୁଝର ଗସ୍ତ କରି ବିଭିନ୍ନ ଆଶ୍ରୟ ସ୍ଥଳ ପରିଦର୍ଶନ କରିଥିଲେ । ସେହିପରି ଅପରାହ୍ନରେ ଓଡିଶା ସରକାରଙ୍କ ଖାଉଟି ଯୋଗାଣମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, କେନ୍ଦୁଝର ସାଂସଦ ଅନନ୍ତ ନାୟକ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସହ ଆନନ୍ଦପୁର ଉପଖଣ୍ଡ ର ବିଭିନ୍ନ ପ୍ରଭାବିତ ଅଂଚଳ ପରିଦର୍ଶନ



କରିଥିଲେ । ପରେ ଅପରାହ୍ନ ସର୍କିଟ ହାଉସ ଠାରେ ପହଂଚିବା ପରେ ଜିଲା ବିଜେପି ତରଫରୁ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ନଗର ସଭାପତି ବିଶ୍ୱଜିତ୍ ତ୍ରିପାଠୀ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟା କୀରଣବାଳା ନାଏକ, ମିଡ଼ିଆ ସଂଯୋଜକ ବ୍ରଜ କିଶୋର ରାୟ ତଥା ଅନ୍ୟ ବିଜେପି କର୍ମୀ ଉପସ୍ଥିତି ରହି ଭବ୍ୟ ସ୍ୱାଗତ କରିଥିଲେ । ପରେ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳ ବିଶାଲ ସିଂହ, ଡି ଏଫ୍ ଓ ଏଚ ଡି ଧନରାଜ, ଯୋଗାଣ ଅଧିକାରୀ ଅଜୟ ରଥ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଉପ ଜିଲ୍ଲାପାଳ ଉମାଶଙ୍କର ଦଳାଇ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଓ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉପସ୍ଥିତ ରେ ଏକ ସମୀକ୍ଷା ବୈଠକ ନେଇଥିଲେ । ଏହି ସମୀକ୍ଷା ବୈଠକରେ କେନ୍ଦୁଝର ଜିଲ୍ଲାରେ ଚାଉଳ ଏଟିଏମ ଆରମ୍ଭ କରିବା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ । ସର୍କିଟ ହାଉସରେ ଗଣମାଧ୍ୟମ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରାକ୍ ପ୍ରସ୍ତୁତି କୁ ପ୍ରଶଂସା କରିବା ସହ ଜିଲ୍ଲା ପ୍ରଶାସନ ର ଉଦ୍ୟମ ପାଇଁ ମୁଖ୍ୟ ମନ୍ତ୍ରୀଙ୍କ ଜିରୋ କାଜୁଆଲିଟୀ ର ସ୍ୱପ୍ନ ସାକାର ହୋଇଚି ବୋଲି କହିଥିଲେ ମନ୍ତ୍ରୀ ଶ୍ରୀ ପାତ୍ର ।

# ସୁଦର୍ଶନ କ୍ଷେତ୍ର ଚତୁର୍ଦ୍ଧା ଉତ୍ସବ

ଭଦ୍ରକ(ନିପ୍ର): ଚଳିତ ଇଂରାଜୀ ମାସ ୧୬ ତାରିଖ ଶ୍ରୀ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପୂର୍ଣ୍ଣମୀ ତିଥି ଦିନ ଭଦ୍ରକ, ଘଟପୁର ସ୍ଥିତ ଅଠରଶହ ଶତାବ୍ଦୀର ବହୁପୁରାତନ ମନ୍ଦିର ଶ୍ରୀ ବଳ ଦେବଜୀଉଙ୍କର 'ଚତୁର୍ଦ୍ଧା ଉତ୍ସବ' ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି । ଅତି ପୁରାତନ ମନ୍ଦିର ହେବା ସତ୍ୱେ ଏହି ମନ୍ଦିରରେ ଚତୁର୍ଦ୍ଧା ବିଗ୍ରହ ଅସମ୍ପୂର୍ଣ୍ଣ ଥାଇ ଦିବ୍ୟ ଲୀଳା କରୁଥିଲେ । କୁମାର ପୂର୍ଣ୍ଣିମାର ପବିତ୍ର ଦିବସ ଅବସରରେ ମହାପ୍ରଭୁ ସୁଦର୍ଶନ, ମା ବିମଳାଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ହରିଦ୍ୱାର ନିବାସୀ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀଙ୍କର ଶୁଭ କରକମଳରେ ପ୍ରତିଷ୍ଠିତ ହେବା ପରେ ଘଟପୁର ଓ ଆଖପାଖ ଅନେକ ଅଂଚଳରେ ଆଧାତ୍ମ୍ୟ ସନ୍ତୋଷର ଲହରୀ ଖେଳି ଯାଇଥିଲା । ଏହି ଭବ୍ୟ ଆୟୋଜନରେ ପୁରୀ ଶ୍ରୀମନ୍ଦିରରୁ ଆଗତ ପବିତ୍ର ନନ୍ଦିଘୋଷ ରଥଚକର ସ୍ଥାପନା ଏହାକୁ ଶତଗୁଣ କରି ତୋଳିଥିଲା । ଆଖପାଖ ଅଂଚଳରୁ ଭକ୍ତବୃନ୍ଦ ଗାଡ଼ିରେ ଆସି ସମ୍ପୂର୍ଣ୍ଣ ଚତୁର୍ଦ୍ଧା ବିଗ୍ରହ, ମା' ବିମଳା ଓ ନନ୍ଦିଘୋଷ ରଥ ଚକର ଦର୍ଶନ କରି କୃତାର୍ଥ ହୋଇଥିଲେ । ଘଟପୁର ଗ୍ରାମବାସୀଙ୍କ ସମେତ ଅନ୍ୟୁନ ଦଶହଜାର ଭକ୍ତଙ୍କର ସମାଗମ ହୋଇଥିଲା ଏହି ଅବସରରେ । ଏହି ପବିତ୍ର ଉତ୍ସବରେ ଓଡ଼ିଶା ଓ ଭାରତବର୍ଷର ଅନେକ ରାଜ୍ୟରୁ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ତଥା ଅନେକ ସାଧୁ ସନ୍ନ୍ୟାସୀ ଯୋଗ ଦେଇଥିଲେ । ଡଃ ସରସ୍ୱତୀ ଶୃତିସାଗର ମହାରାଜ, ମୁମ୍ବାଇରୁ ଡଃ ଭଗବାନ ପଣ୍ଡା, ବାଙ୍ଗାଲୋରରୁ ତାପସ ରାଜ୍ ମହାରଣା, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ଡଃ ଆରତୀ କର, ମଧୁସ୍ମିତା ଦାଶ, ବାବାଜୀ ଚରଣ ବିଶ୍ୱାଳ, ମୈତ୍ରୟୀ କମିଲା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଏହି ଦିବ୍ୟ ସମାରୋହରେ । ସମସ୍ତ ଭକ୍ତ ମାନଙ୍କ ପାଇଁ ସାତ୍ୱିକ ଖାଦ୍ୟର ଅୟୋଜନ କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟକାରୀ କମିଟି ସଭାପତି ପ୍ରତାପ ରାୟ, ଉପ ସଭାପତି ପ୍ରଦୀପ ବଳ, ସମ୍ପାଦକ ଗଜେନ୍ଦ୍ର ରାୟ , ସହ ସମ୍ପାଦକ - ମନ୍ଦିର କିଶୋର ବଳ, ସହ ସମ୍ପାଦକ - ମଣ୍ଡପ ବିପିନ ବଳ , ଉପଦେଷ୍ଟା ମଣ୍ଡଳୀରୁ କ୍ଷୀରୋଦ ପଣ୍ଡା, ଗିରିଧାରୀ ଦାଶ, ଦତାହରୀ ମାଝି, ରାଜୀବ ବଳ, ମୀନ କେତନ ବଳ ପ୍ରମୁଖ ଗ୍ରାମବାସୀ ମାନଙ୍କ ସହିତ ସମ୍ମିଳିତ ହୋଇ କାର୍ଯ୍ୟକ୍ରମକୁ ସୂଚାରୁ ଭାବରେ ସଂଚାଳିତ କରିଥିଲେ । ଅଜସ୍ର ଭକ୍ତବୃନ୍ଦ, ଅନୁଷ୍ଠାନ ସଭ୍ୟ ଓ ଗ୍ରାମବାସୀଙ୍କ ଶ୍ରଦ୍ଧା, ଭକ୍ତି ନିବେଦିତ ମହାପ୍ରଭୁଙ୍କ ଏହି ଲୀଳାକ୍ଷେତ୍ର 'ସୁଦର୍ଶନ କ୍ଷେତ' ଭାବରେ ବିଦିତ ହେଲା ବିଶ୍ୱ ଭୂଖଣ୍ଡରେ ।

# ବାତ୍ୟା ଆଶ୍ରୟସ୍ଥଳୀ କେନ୍ଦ୍ର ପରିଦର୍ଶନ କଲେ ବିଧାୟକ

ଭୁବନେଶ୍ୱର: ବାତ୍ୟା 'ଦାନା' ପାଇଁ ଆମେ ସତର୍କ ରହିବା ଏବଂ ଅନ୍ୟମାନଙ୍କୁ ସତର୍କ କରାଇବା । ଏହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରସ୍ତୁତି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ପ୍ରଶାସନ, ସରକାର, ଅଗ୍ନିଶମ, ଏନଡିଆରଏଫ, ଏସଡିଆରଏଫ ଉଦ୍ଧାରକାରୀ ଦଳ ସହଯୋଗରେ ବାତ୍ୟାର ପୂର୍ବ ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା କରିବା ପାଇଁ ନିର୍ବାଚମଣ୍ଡଳୀର ସମସ୍ତ ସ୍ୱେଚ୍ଛାସେବୀ ଓ ପାର୍ଟିର କାର୍ଯ୍ୟକର୍ତାମାନଙ୍କୁ ବିଧାୟକ ଶ୍ରୀ ବାବୁ ସିଂ ଅନୁରୋଧ କରିଛନ୍ତି । ଏକାମ୍ର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀକୁ ବିଧାୟକ ଶ୍ରୀ ସିଂ ପରିଦର୍ଶନକରି ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର ନିରୀକ୍ଷଣ କରି କହିଛନ୍ତି ଯେ,ସମସ୍ତ ଆଶ୍ରୟସ୍ଥଳୀ ଗୁଡ଼ିକରେ ସୁଗମତାର ସହ ଖାଦ୍ୟ, ପାନୀୟ ଓ ଅତ୍ୟାବଶକୀୟ ସାମଗ୍ରୀର ବ୍ୟବସ୍ଥା କରାଯାଇଛି । ଲୋକମାନେ ମଧ୍ୟ ସତର୍କତା ଅବଲମ୍ବନ କରି ସହଯୋଗ କରୁଛନ୍ତି । ବାତ୍ୟା 'ଦାନା'ର ସଫଳ ମୁକାବିଲା ପାଇଁ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି । ସରକାର ବାତ୍ୟା ମୁକାବିଲା ପ୍ରସଙ୍ଗରେ ସବୁ ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି । ସେହିପରି ପାର୍ଟିର ସମସ୍ତ କାର୍ଯ୍ୟକର୍ତାମାନେ ମଧ୍ୟ ପ୍ରସ୍ତୁତ ଅଛନ୍ତି । ବାତ୍ୟା ମୁକାବିଲା, ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇ ଏହି ସମୟରେ ପାର୍ଟିର ସମସ୍ତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି । ପାର୍ଟିର ସମସ୍ତ ନିର୍ବାଚିତ ଜନପ୍ରତିନିଧି, ଜିଲ୍ଲା ପଦାଧିକାରୀ ଏବଂ କାର୍ଯ୍ୟକର୍ତାମାନେ ନିଜ ନିଜ ଅଂଚଳରେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବେ ।

# ଜିଲ୍ଲାରେ ବାତ୍ୟା 'ଦାନା' ପ୍ରଭାବ ଜନିତ ପରିସ୍ଥିତି : ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଯାଜପୁର(ନିପ୍ର): ସାମୁଦ୍ରିକ ବାତ୍ୟା 'ଦାନା' ପ୍ରଭାବ ରେ ଯାଜପୁର ଜିଲ୍ଲା ରେ ପବନ ଓ ବର୍ଷା ଗତକାଲି ଠାରୁ ଲାଗିରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଛି । ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ (୦୬୭୨୮-୨୨୨୬୪୮) ଖୋଲା ଯାଇଛି । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ମୌଳିକ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ଆଭାସୀ ମାଧ୍ୟମରେ ବି.ଡି.ଓ ଓ ତହସିଲଦାର ମାନଙ୍କ ସହିତ ସ୍ଥାନାନ୍ତରିତ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଯେଉଁମାନଙ୍କର କଚ୍ଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା କାଲି ପର୍ଯ୍ୟନ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ । ତହସିଲଦାର ମାନଙ୍କ ଟିମ୍ ଅଂଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । କୃଷି ବିଭାଗ ସୂଚନା ଅନୁଯାୟୀ ଜିଲ୍ଲାରେ ୧୪୦୨୦ ହେକ୍ଟର ଧାନ ଜମି, ୩୩୦୬ ହେକ୍ଟର ଅଣଧାନ, ୩୪୦ ହେକ୍ଟର ଉଦ୍ୟାନ କୃଷି (ପନିପରିବା) ଏହିପରି ମୋଟ ୧୭,୬୬୬ ହେକ୍ଟର ଜମି ବର୍ଷା ଜଳ ଦ୍ୱାରା ପ୍ରଭବିତ ହୋଇଛି । ଜିଲ୍ଲାରେ ୧୮,୩୪୧ଟି ନଳକୂପ କାର୍ଯ୍ୟକ୍ଷମ ଅଛି । ୫୦୦୦ ଲିଟର ୧୬ଟି ଟ୍ୟାଙ୍କର ମଧ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ୫୩ ଟି ପି.ଭି.ସି. ଟ୍ୟାଙ୍କ ଭେଇକିଲ୍ ମାଧ୍ୟମରେ ପ୍ରଭାବିତ ଅଂଚଳରେ ପାନୀୟ ଜଳ ଆବଶ୍ୟକ ସ୍ଥଳେ ଯୋଗାଇ ଦିଆଯାଉଛି । ୪୬୪ ଟି ପାଇପ ୱାଟର ସପ୍ଲାଏ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଅଛି । ୭୯ଟି ଡିଜି ସେଟ୍ ପାୱାର ବ୍ୟାକ ଅପ ପାଇଁ ମହଜୁଦ ରହିଛି । ୨୫ ତାରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୧୦ ଟି ବ୍ଲକ୍ ୩୧୧ ଟି ପଂଚାୟତର ୧୨୧୧ ଟି ଗାଁ ପ୍ରଭାବିତ ହୋଇଛି । ୧୦,୩୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଅପରାହ୍ନ ସୁଦ୍ଧା ୫୮,୭୧୦ ଲୋକଙ୍କୁ ୬୧୪ ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ସେମାନଙ୍କ ମଧ୍ୟରୁ ବୟସ୍କ ୪୬,୯୬୮ ଏବଂ ଶିଶୁ ୧୧,୭୪୨ । ଜିଲ୍ଲାରେ ୪୨୫ ଟି ରିଲିଫ୍ ସେଂଟର୍ ରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୨ ଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ଅନୁମୋଦନ ହୋଇଛି । କୌଣସି ଲୋକ ମୃତାହତ ହୋଇ ନଥିବାବେଳେ ୩ ଟି ସ୍ଥାନରେ ଗଛ ଭାଙ୍ଗି ପଡିଛି । ୫୮୭୭ ଟି ଗୋରୁ ଗାଇ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୨୭୦ ବଡ଼ ପ୍ରାଣୀ ଓ ୧୬୦୭ ଟି କ୍ଷୁଦ୍ର ପ୍ରାଣୀ ଅଛନ୍ତି । ବାତ୍ୟା ପ୍ରଭାବରେ ୩୭୬ଟି କଚ୍ଚା ଘର ଅଳ୍ପ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩ ଟି କଚ୍ଚା ଘର ସଂପୂର୍ଣ୍ଣ ରୂପେ କ୍ଷତି ଗ୍ରସ୍ତ ହୋଇଛି । ତନ୍ମଧ୍ୟରୁ ବରୀ ବ୍ଲକରେ ୧ଟି, ବିଂଝାରପୁର ବ୍ଲକରେ ୩ଟି, ଦଶରଥପୁର ବ୍ଲକରେ ୪ଟି, ଯାଜପୁର ବ୍ଲକରେ ୧ ଟି ଏବଂ ରସୁଲପୁର ବ୍ଲକରେ ୧ଟି କଚ୍ଚା ଘର କ୍ଷତି ଗ୍ରସ୍ତ ହୋଇଛି । ଆଜି ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୫୨ କୁଇଂଟାଲ୍ ଚୂଡ଼ା, ୧ କୁଇଂଟାଲ ଗୁଡ଼, ୫୦ଟି ପଲିଥିନ ରୋଲ୍ ବଂଟନ କରାଯାଇଛି । ଜିଲ୍ଲାରେ ୨୦ଟି ମେଡିକାଲ ଟିମ୍ ଓ ୧୦ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଂଚଳରେ ନିୟୋଜିତ ହୋଇଛନ୍ତି । ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷାର ପରିମାଣ ଯାଜପୁର ବ୍ଲକରେ ୬୦ ମି.ମି., ବିଂଝାରପୁର ବ୍ଲକରେ ୬୦ ମି.ମି., ଦଶରଥପୁର ବ୍ଲକରେ ୫୫ ମି.ମି., ଦାନଗଦି ବ୍ଲକରେ ୨୫ ମି.ମି., ରସୁଲପୁର ବ୍ଲକରେ ୩୫.୨ ମି.ମି., ଧର୍ମଶାଳା ବ୍ଲକରେ ୪୦ ମି.ମି., ବଡ଼ଚଣା ବ୍ଲକରେ ୩୭ ମି.ମି., ବରୀ ବ୍ଲକରେ ୫୨ ମି.ମି., କୋରେଇ ବ୍ଲକରେ ୨୬.୨ମି.ମି. ରହିଥିବା ବେଳେ ସୁକିନ୍ଦା ବ୍ଲକରେ ବର୍ଷାର ପରିମାଣ ୩ ମି.ମି. ରହିଛି ।

# ୨୦୨୫ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ନିମନ୍ତେ ବୈଠକ

ନୟାଗଡ଼(ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦିଲିପ କୁମାର ବଳଙ୍କ ଅଧକ୍ଷତାରେ ୨୦୨୫ ନିମନ୍ତେ ନୂତନ ଭୋଟର ତାଲିକା ପ୍ରକାଶନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରି ଆହ୍ୱାନ କରାଯାଇଥିବା ବୈଠକ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରି କହିଥିଲେ ଯେ, ପ୍ରତ୍ୟେକ ବର୍ଷ ପରି ୧୭ବର୍ଷରୁ ୧୮ବର୍ଷ ଗ୍ରୁପର ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ବର୍ଷକୁ ଚାରୋଟି ଦିବସ ଯଥା- ଜାନୁଆରୀ ୧,ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧, ୨୦୨୪ ସୁଦ୍ଧା ଯେଉଁମାନଙ୍କର ବୟସ ୧୭ବର୍ଷରୁ ଉର୍ଦ୍ଧ ହୋଇଥବ ସେମାନେ ଅଗ୍ରୀମ ପଂଜୀକରଣ କରିପାରିବେ । ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଏହାର ସର୍ଭେ କରିବେ ଏବଂ ଯେଉଁମାନଙ୍କୁ ୧୭ବର୍ଷ ହୋଇଥିବ ସେମାନଙ୍କ କାଗଜାତ ନେଇ ଭୋଟର ହେଲପ୍ ଲାଇନ ଆପ୍ ଡାଉନଲୋଡ୍ କରି କିମ୍ବା voterportal.eci.gov.in କିମ୍ବା nvsp.in ଦ୍ୱାରା ସେମାନେ ଆଧାର ଲିଙ୍କ୍ ଏବଂ ନୂତନ ପଂଜୀକରଣ କରିପାରିବେ । ୨୮.୧୦.୨୪ରେ integrated_draft role ପ୍ରସ୍ତୁତ କରାଯାଇ ୨୯.୧୦.୨୪ରେ ପ୍ରକାଶ କରାଯିବ । ଏହା ପରେ ନଭେମ୍ବର ୨୦୨୪ରେ ବୁଥସ୍ତରୀୟ ଅଧିକାରୀମାନେ special campaign ଯଥା- ୦୨.୧୧.୨୪, ୧୦.୧୧.୨୪, ୧୬.୧୧.୨୪ ଏବଂ ୨୪.୧୧.୨୪ କରି ପଂଜୀକରଣ ଆପ୍‌ରେ ଅପଲୋଡ୍ କରିବେ । Claim & objection ଗୁଡ଼ିକ ଜନସାଧାରଣଙ୍କ ଠାରୁ ତା.୨୪.୧୨.୨୪ରିଖ ସୁଦ୍ଧା ଗ୍ରହଣ କରାଯିବ ଏବଂ ତା.୦୬.୦୧.୨୫ରେ ଚୁଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ଏହି ପରିପ୍ରେକ୍ଷୀରେ ୨୯.୧୦.୨୦୨୪ରିଖ ସକାଳ ୭ଟା ସମୟରେ ନୂତନ ଭୋଟରମାନଙ୍କ ମନରେ ଏହା ପ୍ରତି ଆଗ୍ରହ ତଥା ସଚେତନତା ସୃଷ୍ଟି କରିବା ପାଇଁ ଏକ ପଦଯାତ୍ରା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରୁ ବାହାରି ପୁରୁଣା ସହର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଗଲା ପରେ ଏକ ବୈଠକ ତଥା ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ଡେପୁଟୀ କଲେକ୍ଟର ନିର୍ବାଚନ ତପସ୍ୱିନୀ ହାଁସଦା ପ୍ରକାଶ କରିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦଲ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ସୁଜାତା କୁମାରୀ ସାହୁ,ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷା/ ଅଧକ୍ଷ, ନୟାଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଅକ୍ଟୋବର ୨୮ତାରିଖରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି

ଭୁବନେଶ୍ୱର: ଆଗାମୀ ୨୮ତାରିଖରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି । ସମ୍ଭାବ୍ୟ ବାତ୍ୟା 'ଦାନା' ଓ ପରବର୍ତ୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି, ଅକ୍ଟୋବର ୨୮ରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
KEONJHAR (R&B) CIRCLE, KEONJHAR

B-518

No. 4926 /Date. 24.10.2024

ORDER

The tender for the work "Improvement to NIT peripheral road -2 Ch. 0/00 Km to 3/00 Km in the District of Sundargarh for the year 2024-25" invited vide Bid Identification No. CCEKC - 20/2024-25 is hereby cancelled due to Administrative Reasons.

Sd/-
Chief Construction Engineer
Keonjhar (R&B) Circle, Keonjhar

OIPR. 34033/11/0042/2425



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAYURBHANJ IRRIGATION DIVISION, BARIPADA
e-mail:exen.mid@gmail.com FAX/TEL: 06792-295472
"E" PROCUREMENT NOTICE NO. 01MBJ/2024-25.

A-477

1. Name of works : Bank protection work, canal/RE critical works and road works
2. Total no. of works : 23 (Twenty three) nos. of work.
3. Estimated cost : Varies from Rs. 5.93 lakhs to Rs. 40.41 lakhs
4. Class of Contractor : 'D' & 'C' and 'C' & 'B' and 'B' Class.
5. Period of completion : As mentioned against work.
6. Other details as follows :
   (i) Procurement Officer : Superintending Engineer, Mayurbhanj Irrigation Division, Baripada
   (ii) Availability of Tender online for bidding : **28.10.2024 from 10.00 Hours to 11.11.2024 up to 17.00 Hours.**
   (iii) Date, time and place of opening of Bid. : **On 12.11.2024 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada
7. Further details can be seen from the 'e' Procurement Portal http://tendersorissa.gov.in

Sd/-
Superintending Engineer,
Mayurbhanj Irrigation Division,
Baripada.

OIPR. 32158/11/0009/2425



TENDER CALL NOTICE


E-439

The Joint Director-cum-Superintendent, E.S.I. Hospital, Choudwar, At/P.O.- Charbatia, Dist.-Cutack, Pin-754028 invites sealed tenders from the intending supplier for supply of cook food for indoor patients @ Rs-125/- per head including (breakfast, lunch, dinner) for ESI Hospital, Choudwar from 01.12.2024 to 30.11.2025 (one year) . The tender documents will available from 08.11.2024 to 13.11. 2024 , during office hours (from10.00 A.M. to 05.00 P.M. The tenderers have to deposit a sum of Rs. 1,000/- (Rupees one thousand) only in shape of demand draft at the time of submission of tender in the office of the undersigned as earnest money & the earnest money so deposited will be refunded to un-successful 'Tenderers' after the tendur process is over and successful 'Tenderer' will get back his/her E.M.D. soon after the deposit of prescribed "Security Deposit" The tender should accompany with valid and up-to-date GST clearance, Income Tax return and produce samples of dietary articles at the time of opening of tender. Successful tenderers has to deposit Security Money of Rs. 22,000/- (Twenty two thousand) only for dietary articles in shape of N.S.C. pledged in favour of the Joint Director-cum-Superintendent, ESI. Hospital, Choudwar within 15 days from the date of acceptance of his tender and execute an agreement to the effect that he/she will be bound with the terms and conditions regarding uninterrupted supply of dietary articles. The sealed tenders will be opened at 11.00 A.M. of Dated-20.11.2024 in presence of the Members of the Diet Committee and tenderers or their authorized representatives in the chamber of the undersigned. The tender paper with particulars of Dietary can be obtained from the office of the undersigned on any working day & hours from the date of publication of tender notice in the News Paper(s) till 14.11.2024 on payment of Rs.1000/-. The terms and conditions can be obtained from the office of the undersigned on any working day.

The committee reserves the right to accept or reject any tender or all tenders without assigning any reason thereof. Withdrawal of tender after opening of same will be liable to forfeiture of earnest money Rs- 1,000/-

Sd/-
Joint Director-cum-Superintendent
E.S.I. Hospital, Choudwar.


OIPR. 10045/11/0001/2425





ସାଧୁମାନଙ୍କୁ ସେବା କଲେ ତିନୋଟି ଗୁଣ ମିଳେ- ବିନୟ, ପ୍ରଭୁଭକ୍ତି ଏବଂ ଉଦାରତା ।

# ଆଜିକାଲି



ନିହତ୍ୟ ଧାର୍ତ୍ତରାଷ୍ଟ୍ରନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦ୍ଦନ ।
ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ।।
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ହେ ଜନାର୍ଦ୍ଦନ ! ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ମାରି ଦେଇ ଆମକୁ କି ସୁଖ ମିଳିବ ? ବରଂ ଆତତାୟୀମାନଙ୍କୁ ମାରିଲେ ଆମକୁ ପାପ ଲାଗିବ ।

## ଜଳବାୟୁ ପରିବର୍ତ୍ତନ ଓ ପରିବହନ ପ୍ରଦୂଷଣ

ପରିବହନ କ୍ଷେତ୍ରରେ ଆସିବ ବଡ଼ ସଂସ୍କାର । ଅଧିକ ଧୂଆଁ ଓ ପ୍ରଦୂଷଣ ନିର୍ଗତ କରୁଥିବା ପୁରୁଣା ଯାନବାହାନ ରାସ୍ତାରୁ ହଟିବ । ପେଟ୍ରୋଲ, ଡିଜେଲ ଯେମିତି ଯେମିତି କମ ବ୍ୟବହାର କରି ଗାଡ଼ି ଚାଳନା କରାଯିବ ସେଥିପାଇଁ ଡ୍ରାଇଭରଙ୍କୁ ଦିଆଯିବ ତାଲିମ । ଅତ୍ୟଧିକ ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟର ଧରପଗଡ଼ ବ୍ୟାପକ ହେବ । ଖାଲି ସେତିକି ନୁହେଁ, ସମୟ ସହ ତାଳ ଦେଇ ପ୍ରଦୂଷଣ ରୋକିବାକୁ ଅଧିକ ସଂଖ୍ୟାରେ ଇଲେକଟ୍ରିକ ଓ ସିଏନଜି ବ୍ୟବହାରକାରୀ ଗାଡ଼ି ମୋଟର ଗଡ଼ିବ । ଏ ନେଇ ଓଡ଼ିଶା ସରକାର ମେଗା ଯୋଜନା ପ୍ରସ୍ତୁତ କରିଛନ୍ତି । ୧୦ ବର୍ଷିଆ ଯୋଜନା ହୋଇଛି । ଜଳବାୟୁ ପରିବର୍ତନ ମୁକାବିଲା କରିବା ଲାଗି ପରିବହନ କ୍ଷେତ୍ରରେ ବଡ଼ ପରିବର୍ତନ ଆଣିବା ଲାଗି ୨୪୫ କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା କରାଯାଇଛି । ଜଳବାୟୁ ପରିବର୍ତନ ସାରା ବିଶ୍ୱ ପାଇଁ ମହାବିପଦ ଡାକି ଆଣିଲାଣି । ଯେଉଁଭଳି ହାରରେ ପ୍ରଦୂଷଣ ବ୍ୟାପୁଛି, ଆଗକୁ ସ୍ଥିତି ଭୟାନକ ହେବ । ପ୍ରଦୂଷଣ ବୃଦ୍ଧିରେ ସବୁଠୁ ବଡ଼ ଭୂମିକା ନେଇଛି ପରିବହନ କ୍ଷେତ୍ର । ହୁ ହୁ ହୋଇ ଯାନବାହନ ସଂଖ୍ୟା ବଢ଼ି ଚାଲିଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ବିଷାକ୍ତ ଗ୍ୟାସ ସ୍ତର ବଢ଼ି ଚାଲିଛି । ଯେଉଁ ହାରରେ ପ୍ରଦୂଷଣ ବଢୁଛି, ୨୦୩୫ ବେଳକୁ ସାରା ବିଶ୍ୱରେ ଯେତେ ପରିମାଣର ପ୍ରଦୂଷଣ ଥିବ ତାହାର ୪୬ ଭାଗ କେବଳ ଯାନବାହନରୁ ନିର୍ଗତ ହେଉଥିବ । ଜଳବାୟୁ ପରିବର୍ତନ ଆକ୍ସନପ୍ଲାନ ରିପୋର୍ଟ ମୁତାବକ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୭୪.୩୨ ଲକ୍ଷ ଯାନାବାହନ ପଞ୍ଜିକୃତ ହୋଇଥିଲା । ସେଥିରୁ ପ୍ରାୟ ୭୧ ଲକ୍ଷ ଗାଡ଼ିମୋଟର ଚଳାଚଳ କରୁଥିଲା । ୨୦୧୭-୨୦୧୮ରେ ୮.୬୬ ଲକ୍ଷ ନୂଆ ଯାନବାହନ ପଞ୍ଜିକୃତ ହୋଇଥିଲା ଯାହାକି ତା ପୂର୍ବବର୍ଷ ତୁଳନାରେ ୧୯.୬୦% ଅଧିକ । ୨୦୨୦ ଓ ୨୦୨୧ରେ କରୋନା ମହାମାରୀ ଯୋଗୁ ଯାନବାହନ କିଣା କମିଯାଇଥିଲା । ମାତ୍ର ଚଳିତବର୍ଷରୁ ପୁଣି ଯାନବାହନ ବିକ୍ରିରେ ଦ୍ରୁତ ଅଭିବୃଦ୍ଧି ଘଟିଛି । ରାଜ୍ୟ ସରକାରଙ୍କ ରିପୋର୍ଟ କହୁଛି ରାଜ୍ୟରେ ଯେତିକି ଗାଡ଼ିମୋଟର ଚାଲୁଛି ତାର ୮୧% କେବଳ ଦୁଇ ଚକିଆ ଯାନ । କାର ଆଦି ହାଲୁକା ମୋଟର ଯାନ ସଂଖ୍ୟା ପ୍ରାୟ ୭% । ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ସ୍ଥିତି ଅତି ଦୁର୍ବଳ । ବସର ଉପସ୍ଥିତି ମାତ୍ର ୪.୯% । ଏଥିରୁ ସ୍ପଷ୍ଟ ବ୍ୟକ୍ତିଗତ ଯାନବାହନ ଚଳାଚଳ ରାଜ୍ୟରେ କେତେ ଅଧିକ । ଯାତ୍ରୀ ପରିବହନ ବ୍ୟବସ୍ଥାରେ ବସ ସଂଖ୍ୟା ଆବଶ୍ୟକତା ଠାରୁ ଅତି ନଗଣ୍ୟ, ଯେଉଁଥିପାଇଁ ଲୋକେ ବସ ଉପରେ ନିର୍ଭର ନକରି ସବୁବେଳେ ନିଜ ବାଇକ, ସ୍କୁଟର କିମ୍ବା କାର ଚଳାଉଛନ୍ତି । ଯେତେ ଅଧିକ ଗାଡ଼ି ଗଡ଼ିବ, ସେତେ ଅଧିକ ଅଙ୍ଗାରକାମ୍ଳ ନିର୍ଗତ ହେବ, ସେତେ ଅଧିକ ପ୍ରଦୂଷଣ ବଢ଼ିବ । ଏହାକୁ ନଜରରେ ରଖି ରାଜ୍ୟ ସରକାର ଜଳବାୟୁ ପରିବର୍ତନ ଆକ୍ସନପ୍ଲାନରେ ପରିବହନ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ପୁରୁଣା ଯାନବାହନକୁ ପର୍ଯ୍ୟାୟକ୍ରମେ ହଟାଇବା ପାଇଁ ସ୍ୱତନ୍ତ୍ର ସ୍କ୍ରାପ୍ ନୀତି କାର୍ଯ୍ୟକାରୀ କରାଯିବ । ୧୦ ବର୍ଷରେ ପ୍ରାୟ ୩୫ ଲକ୍ଷ ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଯିବ । ଏ ନେଇ ୬୦ କୋଟି ଟଙ୍କା ୧୦ ବର୍ଷରେ ବ୍ୟୟ କରିବାକୁ ଲକ୍ଷ୍ୟ ରଖାଯାଇଛି । କମ ଇନ୍ଧନ ବ୍ୟୟ ପାଇଁ ଡ୍ରାଇଭରମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ । ଏଥିପାଇଁ ୧୦ ବର୍ଷରେ ୩ଲକ୍ଷ ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରଦୂଷଣ ଛାଡୁଥିବା ଗାଡ଼ିମୋଟରକୁ ଧରିବା ପାଇଁ କଠୋର ଧରପଗଡ଼ ହେବ । ଏ ନେଇ ସ୍କ୍ୱାର୍ଡ଼ ଗଠନ ହେବ । ଅଧିକ ଧରପଗଡ଼ ପାଇଁ ରାଜ୍ୟବ୍ୟାପୀ ସ୍କ୍ୱାର୍ଡ଼ କାର୍ଯ୍ୟ କରିବ । ପ୍ରଦୂଷଣ ପ୍ରମାଣପତ୍ର ଯାଂଚକୁ ଅତି କଠୋର ଭାବେ କାର୍ଯ୍ୟକାରୀ କରାଯିବ । ଏ ଦିଗରେ ୧୦ବର୍ଷରେ ୧୦୦ କୋଟି ବ୍ୟୟ ହେବ । ଅଧିକ ସଂଖ୍ୟାରେ ପ୍ରଦୂଷଣ ଯାଂଚ କେନ୍ଦ୍ର ଖୋଲିବ । ଇ-ରିକ୍ସା, ଇଲେକ୍ଟ୍ରିକ ଯାନ ଓ ସିଏନଜି ଚାଳିତ ଗାଡ଼ି ମୋଟର ଚଳାଚଳକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବେ । ଅବଶ୍ୟ ଇ-ଯାନ ନୀତିକୁ କାର୍ଯ୍ୟକାରୀ କରିବାରେ ସରକାର ପ୍ରୟାସ ଆରମ୍ଭ କରିଦେଇଛନ୍ତି । ଏହାକୁ ବ୍ୟାପକ କରାଯିବ । ଇ-ଯାନ ପାଇଁ ସରକାର ସବସିଡି ମଧ୍ୟ ଦେଉଛନ୍ତି । ଟିକସ ହ୍ରାସ ପାଇଁ ପଦକ୍ଷେପ ନିଆଯାଉଛି । ଏଭଳି ଭାବେ ୧୦ ବର୍ଷରେ ଏ କ୍ଷେତ୍ରରେ ୪୦ କୋଟି ଟଙ୍କା ବିନିଯୋଗ ପାଇଁ ସରକାର ଯୋଜନା କରିଛନ୍ତି । ପରିବେଶବିତ ଡକ୍ଟର ବିଜୟ ମିଶ୍ରଙ୍କ କହିବାନୁସାରେ ସମୟ ଆସିଯାଇଛି ପବ୍ଲିକ ଟ୍ରାନ୍ସପୋର୍ଟକୁ ବ୍ୟାପକ କରିବାକୁ ହେବ । ପ୍ରତି ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ, ପ୍ରମୁଖ କାରଖାନାକୁ ବସ ସେବା ଯୋଡ଼ିବାକୁ ହେବ । ଯେତେ ଘରୋଇ ଗାଡ଼ି ବ୍ୟବହାର କମିବ, ବାୟୁ ପ୍ରଦୂଷଣ ମଧ୍ୟ କମିବ । ଏହାସହ ଅଧିକରୁ ଅଧିକ ଇ-ଯାନକୁ ପ୍ରୋତ୍ସାହନ ଦିଆଯିବା ଜରୁରୀ ।

# ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ

◆ ଅକ୍ଷୟ କୁମାର ରାଉତ



ସଭ୍ୟତାର ସୂର୍ଯ୍ୟୋଦୟ ଠାରୁକେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତ କରି ସତ୍ୟ,ଦୟାକ୍ଷମା ଓ ଶନ୍ତି ର ଆଦର୍ଶଙ୍କୁ ଦୀପ୍ତିମନ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ । ୧୮୮୬ ମସିହା ଅକ୍ଟୋବର ୨୬ ତାରିଖକାର୍ତୀକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀ ନିବାସ ପୁରଶାସନରେ ଜନ୍ମଗ୍ରହଣ କରି ଥିଲେ ।ତାଙ୍କର ପିତାଲିଙ୍ଗରାଜ ମିଶ୍ର ଥିଲେ ଜଣେଚଣ୍ଡୀ ସାଧକ ଓ ବୈଦ୍ୟ । ଗୋଦାବରୀତୀର୍ଥ ଯାତ୍ରା ପରେ ପୁତ୍ର ଲାଭହୋଇଥିବାରୁ ପିତାମାତା ଗୋଦାବରୀମିଶ୍ର ନାମ ରଖିଥିଲେ । ମାତ୍ର ଭକ୍ତକବି ମଧୁସୂଦନ ଗୋଦାବରୀବାଳିକା ନାମକୁବାଳକ ନାମଗୋଦାବରୀଶ ମିଶ୍ର ରଖିଥିଲେ । ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢ଼ୁଥିବାବେଳୁ ସ୍ତ୍ରୀଲୋକଙ୍କ ଭଳିମୁଣ୍ଡରେଛୁଟିରଖିବା ଓ କାନରେନୋଳି ପିନ୍ଧିବାତାଙ୍କର ଥିଲା ଅଭ୍ୟାସ । ଗୋଦାବରୀ ଶଙ୍କର ଶିକ୍ଷାଗାଁଚାଟଶାଳୀର ଅବଧାନ ଗୀରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା । ଉଚ୍ଚ ପ୍ରାଥମିକପରିକ୍ଷା ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇ ଗଲା । ବାଣପୁରରେ ମଧ୍ୟ ଓଡିଆ ପଢିସେ ଦ୍ୱିତୀୟଶ୍ରେଣୀରେ ପାସ କରିବାରୁ ବୃତିମିଳିଲା ନାହିଁ ।ତେଣୁ ପାଠପଢା ବନ୍ଦ ହୋଇଗଲା । ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୌଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷା କଲେ । ପିତାଙ୍କ ଅନୁପସ୍ଥିତରେ ଠାକୁର ପୂଜାଭାର ତାଙ୍କ ଉପରେ ପଡିବାର ସେଠାକୁ ରଙ୍କୁଖଟୁଳିରୁ ଉଠାଇ ଆଣିଭାତରେ ମୁହଁମାଡି ଦେଇ ଥିଲେ । ସେଜଣେସଂସ୍କାରି ନୀତିବାନ୍ ବ୍ରାହ୍ମଣଟି ହୋଇପାରିଲେ ନାହିଁ ।

ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ । ତେଣୁଗାଁ ଲୋକେ ଗୋଦାବରିଶଙ୍କୁ କଳାପାହାଡ ନାମରେ ଡାକିଲେ । ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ । ତେଣୁସେ ନିଜର ପୈତୃକ ଜମିରୁ କିଛି ଅଂଶବିକିକରି ପୁରୀ ଜିଲ୍ଲା ସ୍କୁଲରେପାଠ ପଢିଲେ । ଅଷ୍ଟମ ଶ୍ରେଣୀ ବାର୍ଷୀକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶକରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କାବୃତି ପାଇବାର ବ୍ୟବସ୍ଥା କରି ଦେଲେ । ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲାବେଳେ ଶଶିଭୂଷଣ ରାୟ ଚୌଧୁରୀସହିତ ପରିଚିତ ହୋଇଥିଲା । ପୁରୀବଡ ଦାଣ୍ଡରେ ବିଦେଶୀ ଲୁ ଗା ପୋଡା ସମୟରେ ଗୋପବନ୍ଧୁଙ୍କସହିତ ପ୍ରଥମ ଥର ଦେଖାହେଲା । ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ । ଗୋପ ବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟକଲେ । ଗୋଦାବରୀଶଙ୍କ ପିନ୍ଧାଲୁଗା ଥିଲା ମାତ୍ରଖଣ୍ଡିଏ । ସେ ଲୁଗାଟିକୁ ଛୁଟିଦିନରେଝରକା ଦେଇ ଧୋବାକୁ ସଫା କରିବାକୁ ଦିଅନ୍ତି ଓ ନିଜେଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି । ପିତାଙ୍କର ହଇଜାରେ ମୃତ୍ୟୁଖବର ପାଇଘରେ ପହଚିଂବା ପର ମୂହୂର୍ତରେ ତାଙ୍କ ବୋଉ ମଧ ହଇଜାରେ ଦେହତ୍ୟା କଲେ । ଘରେ ଅନ୍ଧୁଣୀବୁଢୀମା ଓ ଆଠ ବର୍ଷର ଭଉଣୀଙ୍କୁଛାଡି ପୁଣୀ ଫେରି ଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଚଂ ଟଙ୍କାବୃତିରୁ ଟଙ୍କାଟିଏ ବଳକା କରିଘରକୁ ପଠାଉଥିଲେ । ୧୯୦୬ ମସିହାରେ ପ୍ରବେଶିକା ପରିକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ପାଶକରି ଦଶଟଙ୍କାବୃତି ପାଇଲେ । ଏହି ବୃତି ପଇସାରେ କଲେଜରେ ନାମଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ ।ତା ବଦଳରେତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ । ୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟାବିପନ୍ନ ମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ ।ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କରସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତିକଷ୍ଟରେ ମୃତ୍ୟୁବରଣ କରିଥିଲା । ବାଣପୁର ଅଚଂଳରେ କଲେଜ ପଢୁଆ ଯୁବକ ଭାବରେ' ଭଗବତୀ ପ୍ରସାଦିନୀ' ସମିତିଟିଏ ଗଠନ କରିସରକାରୀ ଅଫିସର ମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁମିଛ କାଠଚୋରି ଅଭିଯୋଗରେ ଫସାଇ ଦିଆଗଲା । ଗୋଦାବରୀଶ ଉପରସ୍ଥ ଅଫିସର ମାନଙ୍କୁ ଜଣାଇବାରୁ ତଦନ୍ତ ହେଲା । ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସର ମାନଙ୍କୁ ବଦଳି କରାଗଲା । ସେ ପ ।ଉଥିବା ଦଶ ଟଙ୍କାବୃତିର ପାଚଂ ଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉ ଥିଲେ । ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନ ଶାସ୍ତ୍ରୀରେ ଅନର୍ସନେଇ ପାଠ ପଢିଲେ । କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତିଖର୍ଚ୍ଚ ପାଇଁ ନଖଟ ହେଲା । ଘର ଖର୍ଚ୍ଚ ପାଇଁ ଆଉଟଙ୍କା ପଠାଇ ପାରିଲେ ନାହିଁ । କଟକରେ ତରୁଣ ଉତ୍କଳସଂଘ ଗଠନ କରାଗଲା । ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟକଲେ ।ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ । ତାଙ୍କ ଅଭିନୟରେ ଖୁସିହୋଇ ଇଂରେଜୀ ଅଧ୍ୟାପକ ଗୋଦାବରୀଶ ଙ୍କୁ ଗୃହଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ । ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ଟଙ୍କିଆବୃତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେଏମ୍.ଏ ପାଠ ପଢିଲେ । ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରି ଥିଲେ, ସେ ଦିନ ରେଳ ଷ୍ଟେସନରେ ପ୍ରାୟ ପାଚଂ ହଜାର ଲୋକତାଙ୍କୁବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । କଲିକତାରେ ଶଶିଦା ଓ ନିଳକଣ୍ଠ ଥିବାରୁଗୋଦାବରୀଶ ଙ୍କର ସେଠାରେଚଳିବାରେକିଛି ଅସୁବିଧା ହେଉନଥିଲା । ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇ ଥିବାରୁ ସେବେହୁତ ମନ ଦୁଃଖ କରି ଥିଲେ । କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶୀକ୍ଷକ ସହିତ ବିଦେଶରେ ଶିକ୍ଷାସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡି ଥିଲେ । ଦୀର୍ଘ ୩୦୦ ମାଇଲ ଦୂରରୁ ଗୋପବନ୍ଧୁ ଲେଖି ଥିଲେ ଗୋଦାବରୀଶ ତମେ କଲିକତାମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ । ଏଣେ ଓଡିଶାର ଲକ୍ଷଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲି ଗଲ । ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା । ଆଇନ ପାଠଶେଷ କରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟକରିସିଧା ଆସିସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇ ଥିଲେ । ସେଠାରେ ସେ ୩୦ ଟଙ୍କାବେତନ ପାଇଲେ । ତିନି ବର୍ଷ ଶିକ୍ଷକତା ପରେ ସେକଲିକତା ଆସି ଶିକ୍ଷକ ଟ୍ରେନଂ ନେଲେ । ସେଠାରେ 'ପୁରୁଷୋତମ' ନାଟକ ରଚନା କରି ପ୍ରକାଶ କରିଥିଲେ । ସେଖର୍ଣ୍ଣ ଏ ଇଂରେଜୀ କବିତା ବହି ସଂକଳନ କରିଥିଲେ । ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମ କରିବା ପଇଁ ୧୯୧୯ ମସିହାରେ ଅଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇ ଥିଲେ । ଓଡିଆଭାଷା ଓ ଶିକ୍ଷାର ପ୍ରସାର ପାଇଁଚକ୍ରଧର ପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରି ଥିଲେ । ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିକ୍ଷରଉନ୍ନତି ପାଇଁ ଭୁବନାନନ୍ଦ ଦାସ , ମଜୁମଦାର ଓ ଗୋଦାବରିଶମିଶି ଏକ 'ଜାତୀୟ ଶିକ୍ଷ ସଦନ' ନାମରେ ଅନୁଷ୍ଠାନ ଗଠନ କରିଥିଲ । ଗୋଦାବରୀଶ ସହକାରୀରେ ଜିଷ୍ଟର ହିରିଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏସ ମବାୟ ବ୍ୟାଙ୍କ ବାଣପୁରଠ ।ରେ ଆରମ୍ଭ କରିଥିଲେ । ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲେ । ପାରଳାମହାରାଜ ଓ ଗୋଦାବରିଶଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେସ୍ଥାପନ ହୋଇଥିଲା । ୧୯୫୨ ମସିହାରେବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟ ହେଲେ ।ସେ ଥିଲେ ଜଣେ ସମାଜସଂସ୍କାରକ ଓ ସୁସାହିତ୍ୟିକ ଗୋଦାବ ରୀଶ ତାଙ୍କ ଜୀବନ କାଳରେ ଗୁଡିଏଉପାଦେୟ ପୁସ୍ତକ ରଚନା କରି ଥି ଲେ ।ତଙ୍କର 'କାଳିଜାଈ' କବିତା ବେଶ ଲୋକପ୍ରିୟ । ସେକିଛି ଦିନ ସମାଜର ସମ୍ପାଦକ୍ ଥିଲେ । ବିହାର ଓଡିଶା କାଉନସିଲ୍‌ର ସଭ୍ୟ ହୋଇଥିଲେ । ଗୋଦାବରିଶ ବ୍ରିଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ । ସର୍ବମୋଟ ୧୧ ବର୍ଷସେଜେଲ ଦଣ୍ଡରେ ଦଣ୍ଡିତ ହୋଇ ଥିଲେ । ୧୯୫୬ ମସିହା ଜୁଲାଇ ୨୬ ତାରିଖ ରେ ହଠାତ୍ ଇହଧାମ ତ୍ୟାଗ କରି ସେଚାଲିଗଲେ ଅମର ପୁରକୁ । ଓଡିଆମାଟି, ଓଡିଆଭାଷା ଓ ଓଡିଆଲୋକଙ୍କୁ ଆଲୁକ ଦେଖାଇ ନିଜେଲିଭି ଯାଇଥିଲେ । ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ,କବିଓ ଲେଖକ ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର*
*୯୯୩୭୬୯୧୪୭୫*

# ନିର୍ଦ୍ଦିଷ୍ଟ ଖାଦ୍ୟ ନିର୍ଦ୍ଦିଷ୍ଟ ଅଙ୍ଗକୁ ପ୍ରଭାବିତ କରେ

**ମଣିଷର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ତଥା ସୁସ୍ଥ ରଖିବା ନିମନ୍ତେ ଅଲଗା ଅଲଗା ଖାଦ୍ୟ ଗ୍ରହଣ କରାଯାଇ ପାରେ । କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ନିର୍ଦ୍ଦିଷ୍ଟ ଅଙ୍ଗକୁ ପ୍ରଭାବିତ କରି ପାରେ । ଯେପରିକି -**

***ୱାଲନଟ :*** ଏହା ମସ୍ତିଷ୍କ ପାଇଁ ଉପାଦେୟ । ଏଥିରେ ରହିଛି ଓମେଗା-୩ ତୈଳଯୁକ୍ତ ଅମ୍ଳ । ଏହା ମଗଜରେ ଥିବା କୋଷ ଗୁଡ଼ିକୁ ସକ୍ରିୟ ରଖିବାରେ ସହାୟକ ହୋଇଥାଏ । ସେମାନେ ପରସ୍ପର ସହ ଉପଯୁକ୍ତ ଯୋଗାଯୋଗ ରକ୍ଷା କରିପାରନ୍ତି । ଏହାଦ୍ୱାରା ସ୍ନାୟୁବିକ ସ୍ୱାସ୍ଥ୍ୟ ଭଲରୁହେ । ସ୍ମୃତି ଶକ୍ତି ବଢ଼ିଥାଏ ।

***ଗାଜର :*** ଏହା ବିଟା-କାରୋଟିନ୍‌ରେ ଭରପୂର । ଶରୀର ମଧ୍ୟରେ ଏହା ଜୀବସାର-'କ' କୁ ରୂପାନ୍ତରିତ ହୋଇଥାଏ । ଚକ୍ଷୁର ସ୍ୱଚ୍ଛପଟଳରେ ଥିବା କୋଷଗୁଡିକୁ ଏହା ସୁରକ୍ଷିତ ରଖିଥାଏ । ଏହା ଦୃଷ୍ଟିଶକ୍ତି ବୃଦ୍ଧିକାରୀ । ଧୂଳି-ଧୂଆଁ, ଜ୍ୱଳନ ତଥା ଜୀବାଣୁ ସଂକ୍ରମଣରୁ ଏହା ଆଖିକୁ ରକ୍ଷା କରିପାରେ ।



**ସମସ୍ତ ଖାଦ୍ୟଦ୍ରବ୍ୟକୁ ଭଲ ଭାବେ ପରିଷ୍କାର କରି ଖାଆନ୍ତୁ । ଏହା ଯେପରି କଂଚା ନଥିବ ବା ଅତ୍ୟଧିକ ପାଚିଲା ହୋଇନଥିବା ସେ ଦିଗକୁ ଦେଖନ୍ତୁ । କାରଣ ଏହା ହଜମ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଥାଏ । ବିଶେଷକରି ଫଳ ଖାଉଥିଲେ ତୁରନ୍ତ ପାଣି ପିଅନ୍ତୁ ନାହିଁ ଏବଂ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଫଳ ଖାଆନ୍ତୁ । ଏକ ଉତମ ଶରୀର ପାଇଁ ଆପଣଙ୍କ ଆଧ୍ୟାତ୍ମିକ ରୁଟିନ ବନ୍ଧା ଜୀବନ ଅତ୍ୟନ୍ତ ଉପାଦେୟ ।**

***ଅଙ୍ଗୁର :*** ଗାଢ଼ ରଙ୍ଗର ସମସ୍ତ ଅଙ୍ଗୁରରେ ଫ୍ଲାଭୋନଏଡ଼୍ ବିଦ୍ୟମାନ । ଏହା ବିଭିନ୍ନ ପ୍ରକାରର ହୃଦ୍‌ରୋଗ, କର୍କଟ ଆଦିରୁ ରକ୍ଷାକରେ । ରକ୍ତଚାପକୁ ନିୟନ୍ତ୍ରିତ କରିପାରେ । ପୁଣି ମସ୍ତିଷ୍କର ବାର୍ଦ୍ଧକ୍ୟ-ପ୍ରକ୍ରିୟାକୁ କିଛି ପରିମାଣରେ ପ୍ରଭାବିତ କରିପାରେ ।

***ତରଭୁଜ ଓ କମଳା :*** ଏହି ଦୁଇଟି ଫଳ ଉଭୟ ସ୍ତ୍ରୀ ପୁରୁଷଙ୍କ ବକ୍ଷଦେଶ ପାଇଁ ଅତ୍ୟନ୍ତ ହିତକାରୀ । ଏଥିରେ ଜୀବସାର 'ଗ'ର ଉପସ୍ଥିତି ଅଜଣା ନୁହେଁ । ପ୍ରାକୃତିକ ଉତ୍ସରୁ ମିଳୁଥିବା ଏହି ଜୀବସାର ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ପ୍ରତିରୋଧ କରିଥାଏ ।

***ଅମୃତଭଣ୍ଡା :*** ପାଚିଲା ହେଉ କି କଂଚା; ଅମୃତଭଣ୍ଡା ହଜମ ଶକ୍ତି ବୃଦ୍ଧିକାରକ । ସକାଳେ ଏବଂ ସନ୍ଧ୍ୟାରେ ନିୟମିତ ଭାବେ ଏହାକୁ ଖାଦ୍ୟରେ ଗ୍ରହଣ କଲେ ଯାବତୀୟ ପେଟ-ବେମାରିରୁ ମୁକ୍ତି ମିଳିଥାଏ ।

***କନ୍ଦମୂଳ :*** ଏହା ଅଗ୍ନ୍ୟାଶୟର କାର୍ଯ୍ୟକ୍ଷମତା ବଜାୟ ରଖିବା ଲାଗି ବେଶ୍ ଉପଯୋଗୀ । ଏହା ଶର୍କରା ଯୋଗାଉଥିବାରୁ ଅଗ୍ନ୍ୟାଶୟକୁ ଥକିବାକୁ ଦିଏନାହିଁ । ପୁଣି ରକ୍ତରେ ଶର୍କରାକୁ ନିୟନ୍ତ୍ରିତ କରିଥାଏ ।

***ଅଲିଭ୍ :*** ମହିଳାଙ୍କ ପାଇଁ ଏହାକୁ ଏକ ମହୌଷଧୀ କୁହାଯାଇ ପାରେ । ଯେଉଁ ମହିଳାମାନେ ନିୟମିତ ଭାବେ ଖାଦ୍ୟରେ ଅଲିଭ୍ ତେଲ ବ୍ୟବହାର କରନ୍ତି, ସେମାନଙ୍କୁ ଡିମ୍ବାଶୟ କର୍କଟ ହେବାର ଆଶଙ୍କା ପ୍ରାୟ ନାହିଁ । ତା'ଛଡ଼ା ଅନ୍ୟ ଖାଦ୍ୟ ଉପଯୋଗୀ ତେଲ ତୁଳନାରେ ଏହା କମ୍ କ୍ଷତିକାରକ ।

# କଳଙ୍କିତ ପ୍ରେମ

◆ ଶ୍ରୀବତ୍ସ ନାୟକ


ପ୍ରେମ ବସନ୍ତର ସବୁଜିମା ଭଳି ମନୋହର । କେବେ ପ୍ରେମ ପୂର୍ଣ୍ଣିମାର ଚାନ୍ଦିନୀ ରାତି ଭଳି ଚମତ୍କାର ତ ପୁଣି ପ୍ରେମ କେବେ ଶୀତୁଆ ସକାଳର କାକର ବିନ୍ଦୁ ଭଳି କୋମଳ । କିଏ କୁହେ ପ୍ରେମ ହରେଇବାରେ ଥାଏ ତ କିଏ ପୁଣି କୁହେ ପ୍ରେମ ପାଇବାରେ ଥାଏ । ପ୍ରେମ ଚିରନ୍ତନ, ଶାଶ୍ୱତ, ପବିତ୍ର, ପୂଜନୀୟ,ବନ୍ଦନୀୟ ଓ ମହନୀୟ । ପ୍ରେମ ମାନବୀୟ ବୃତିର ଅପୂର୍ବ ଅନୁଭବ । ବିଶ୍ୱ ବ୍ରହ୍ମାଣ୍ଡର ସାର୍ବଭୌମିକ ଧର୍ମ ଏହି ପ୍ରେମ ଉପରେ ପର୍ଯ୍ୟବେସିତ । ଏକାଗ୍ରତା ଓ ନିଷ୍ଠାପର ସହ ପ୍ରେମକଲେ ହୃଦୟର ପୁଲକ ଭିତରୁ ଶୁଭିଥାଏ ପ୍ରେମର ସଙ୍ଗୀତ । ଯେଉଁଠି ପ୍ରେମ ହୁଏ ସେଇଠି ମାନବୀୟ ଚିତବୃତି ଅପୂର୍ବ ଆଲୋକରେ ଉଦ୍ଭାସିତ ହୁଏ । ମାନବିକ ମହତ୍ୱ ସବୁ ଦିଗନ୍ତ ବିସ୍ତାରି ହୋଇଥାଏ । ଯେଉଁଠି ପ୍ରେମ ଥାଏ ସେଠି ସ୍ୱାର୍ଥ ନଥାଏ ଆଉ ଯେଉଁଠି ସ୍ୱାର୍ଥ ଥାଏ ସେଠି ପ୍ରେମ ନଥାଏ । ପ୍ରେମ ନିଃସ୍ୱାର୍ଥପର । ପ୍ରେମରେ ପଡ଼ିଲେ ଜୀବନର ସୌନ୍ଦର୍ଯ୍ୟକୁ ଅନୁଭବ କରି ହୁଏ ଯାହା ଅନନ୍ତ ଏବଂ ଅକ୍ଷର । ପ୍ରେମର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଦିନେ ଗୌରାଙ୍ଗ ଭାରତକୁ ମତ କରିଦେଇଥିଲେ । ମହାମତି ଶାକ୍ୟସିଂହ,ପରମ ଜ୍ଞାନୀ ଶଙ୍କରାଚାର୍ଯ୍ୟ ପ୍ରେମରେ ପଡ଼ି ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଜୀବର ମୁକ୍ତିର ଗାଥା ଗାଇଥିଲେ । ଧ୍ରୁବ-ପ୍ରହଲ୍ଲାଦ ପ୍ରେମର ଆଲୋକରେ ନିଜ ଜୀବନକୁ ଆଲୋକିତ କରି ନିଜର ଗନ୍ତବ୍ୟ ପଥରେ ଆଗେଇ ଯାଇଥିଲେ । ସାଧ୍ୱୀ - ସତୀ - ସୁନ୍ଦରୀ ରମଣୀଙ୍କ ସୌନ୍ଦର୍ଯ୍ୟ ପ୍ରେମର ମହିମାରେ ଦୁର୍ବୃତମାନଙ୍କ କବଳରୁ ଅପହୃତ ହେଇଥିଲେ । ଲେଲା-ମଜୁନ୍,ମୁମତାଜ୍ - ସାହାଜାହାନ,ରାଧା- କୃଷ୍ଣଙ୍କର ପ୍ରେମ ମଧ୍ୟ ଏଠି ସର୍ବଜନବିଦିତ । କାହିଁ କେଉଁ ଆବହମାନ କାଳରୁ ଏହି ପବିତ୍ର ପ୍ରେମ ରହିଅଛି । କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ସମୟ ଆସିଛି ଚିନ୍ତା କରିବାର; ପ୍ରେମ ଶାଶ୍ୱତ ନା କଳଙ୍କିତ ? ପ୍ରେମ କେବେ କେଉଁଠି କାହା ସହ କିଭଳି ହୋଇପାରେ ତାହାର କଳନା ମଧ୍ୟ କରିହୁଏ ନାହିଁ । ଅତୀତରେ ପ୍ରେମ ଥିଲା ଏବଂ ଏବେ ମଧ୍ୟ ଅଛି କିନ୍ତୁ ଆଜିର ପ୍ରେମ ପଥ ଭ୍ରଷ୍ଟ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ପରିବର୍ତିତ ଜୀବନ ଶୈଳୀରେ ପ୍ରେମର ରୂପରେଖ ଓ ପରିଭାଷା ବଦଳିଯାଇଛି । କିଛି ମଣିଷଙ୍କର ଅମାନବୀୟ କାର୍ଯ୍ୟକଳାପ ଯୋଗୁ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କରେ ଆଜି କଳା ଛିଟା ଲାଗିଛି । ଆଧୁନିକ ମଣିଷ ପାଇଁ ଏହାର ସଂଜ୍ଞା ବଦଳିଯାଇଛି । ଆଲଟ୍ରାମଡର୍ଣ୍ଣ ଯୁଗରେ ଅଧିକାଂଶ ଶିକ୍ଷିତ ଯୁବପିଢି ମୋବାଇଲ ଖଣ୍ଡେ ଖଣ୍ଡେ ଧରି ଫ୍ରେଣ୍ଡ,ବେଷ୍ଟ ଫ୍ରେଣ୍ଡ,ବୟ ଓ ଗାର୍ଲ ଫ୍ରେଣ୍ଡ୍ ଭଳି ଅନେକ ସମ୍ପର୍କ ଗଢୁଛନ୍ତି । ସମ୍ପର୍କ ଗଢିବାର ବାହାନା କରି ନିଜ ନିଜର ସ୍ୱାର୍ଥ ହାସଲ କରିବାରେ ନିମଗ୍ନ ରହିଥାନ୍ତି । ମିଠା କଥା କହି ତଥା ସୁନ୍ଦର ସୁନ୍ଦର ଦାମୀ ଉପହାର ଦେଇ ଅଭିନବ ଉପାୟରେ ସେମାନେ ବିପରୀତ ଲିଙ୍ଗ ପ୍ରତି ଆକୁଳ ପ୍ରେମ ନିବେଦନ କରିଥାନ୍ତି । ସେମାନେ ନିଜର ପ୍ରେମ ଜାଲରେ ଫସାଇବା ପାଇଁ ନିରନ୍ତର ପ୍ରୟାସ କରି କରି ଶେଷରେ ସଫଳ ପ୍ରେମୀ ଯୁଗଳ ହୋଇଯାଆନ୍ତି । ଆଗକୁ ଆସୁଛି ପ୍ରେମର ପାର୍ବଣ ଭାଲେ[ାଇନ୍ ୱିକ୍ । ଏହାକୁ ନେଇ ପ୍ରେମୀ ଯୁଗଳଙ୍କ ମନରେ ନାହିଁ ନଥିବା ଉତ୍କଣ୍ଠା ଦେଖିବାକୁ ମିଳୁଛି । ଉପହାର ପାଇଁ ଚାଲିବ ପ୍ରତିଯୋଗିତା । ଯାହାର ଉପହାର ଯେତେ ଦାମୀ ତାର ପ୍ରେମର ଗଭୀରତା ସେତେ ଅଧିକ ଓ ନିବିଡ଼ । ଏହି ନିବିଡ଼ତା କେବେ ମନର ନୁହେଁ ବରଂ ସିଧା ଶରୀରର । ଆଜିକାଲିକା ପ୍ରେମ ଆଉ ହୃଦୟ ସହ ହେଉନାହିଁ । ପରସ୍ପରଙ୍କର ଶରୀର ପ୍ରତି ପ୍ରେମ ଭାବ ଜାଗ୍ରତ ହେଉଛି । କାମନା ବାସନାରେ ନିମଗ୍ନ ରହି ପ୍ରେମୀ ଯୁଗଳମାନେ ପ୍ରେମ ନାମରେ ଅଭିନୟ କରୁଛନ୍ତି । ପ୍ରେମ ଦେଖେ ନାହିଁ ଜାତି କି ଅଜାତି,ଧନୀ କି ଗରିବ । ଏହା ଥରେ ସୃଷ୍ଟି ହେଲେ ହଜାଇଦିଏ ଲାଜ ସରମ । ଏହି ପ୍ରେମ ଥରେ ହେଲେ ଏଥିରୁ ବାହାରିବା କଷ୍ଟକର ହୋଇ ପଡେ । ବିଶେଷ କରି ଆଜିକାଲିର ତରୁଣ ତରୁଣୀମାନେ ନିଜର ନିୟନ୍ତ୍ରଣ ହରେଇ ନିଜକୁ ଏହା ଭିତରେ ହଜେଇ



ଦେଇଥାନ୍ତି ଏବଂ ପରବର୍ତୀ ସମୟରେ ଅନୁତାପ କରନ୍ତି । କିନ୍ତୁ ସେତେବେଳକୁ ସବୁ ସରିଯାଇଥାଏ । କେବଳ ସେତିକି ନୁହେଁ ପ୍ରେମକୁ ସେମାନେ ଏମିତି ଡ଼ିଜିଟାଲାଇଜେସନ କରି ସାରିଲେଣି ଯେ ଯେମିତି ଅନୁଭବ ହେଉଛି ପ୍ରେମରମାନେ ହେଉଛି ଥାନା,କୋର୍ଟ,କଚେରି, ମର୍ଡର,ସେକ୍ସ,ଧୋକା,ଡିଭର୍ସ ଏବଂ ଆତ୍ମହତ୍ୟା । କାମନା ବାସନାକୁ ଚରିତାର୍ଥ କରିବାକୁ ଯାଇ ପ୍ରେମୀଯୁଗଳ ମାନେ ଆଜି କାଲି ଯାହା ସବୁ କରୁଛନ୍ତି ତାହା ବାସ୍ତବିକ ନିନ୍ଦନୀୟ । ରାସ୍ତା ଘାଟ,ହାଟ ବଜାର, ଶିକ୍ଷାଳୟ, ଦେବାଳୟ, ମଲ୍, ପାର୍କ ଯେଉଁଠି ଦେଖିବ ସେଇଠି ସେମାନଙ୍କର ଭିଡ଼ । ଦାଣ୍ଡରେ ପଡ଼ି ହାଟରେ ଗଢୁଛି ତାଙ୍କର ପ୍ରେମ କାହାଣୀ । ପ୍ରେମ ନାମରେ ସମାଜରେ ଦିନକୁ ଦିନ ଅନେକ ଅଘଟଣ ଘଟୁଛି । ଦୈହିକ ସୁଖର ସନ୍ଧାନରେ ପ୍ରେମ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଛି । କଙ୍କଡାକୁ ଗୋଳିଆ ପାଣି ସୁହାଇଲା ଭଳି ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଲିଭ୍ ଇନ୍ ରିଲେସନସିପ୍ କୁ ସ୍ୱୀକୃତି ମଧ୍ୟ ଏଥିରେ କେତେକ ମାତ୍ରାରେ ସହାୟକ ହେଉଛି । କେବଳ ଯୁବ ପିଢ଼ି କାହିଁକି ଏବେ ମଧ୍ୟ ଦେଖାଯାଉଛି ଯେ ଅନେକ ପ୍ରାପ୍ତ ବୟସ୍କ ପୁରୁଷ ଏବଂ ମହିଳା ମଧ୍ୟ ପ୍ରେମ ନାମରେ ଅନେକ ସମ୍ପର୍କରେ ବାନ୍ଧି ହୋଇ ନିଜର ହିତାହିତ ଜ୍ଞାନକୁ ଜ୍ୱଳାଞ୍ଜଳୀ ଦେଇ ଅନେକ କୁକର୍ମରେ ଲିପ୍ତ ରହୁଛନ୍ତି । ଏଥିରୁ ଜଣାପଡୁଛି ଯେ ଶାରୀରିକ ସମ୍ପର୍କ ରଖିବା ପାଇଁ ପ୍ରେମ ଏକ ବାହାନା । ପ୍ରେମକୁ ନେଇ ଯିଏ ଯେମିତି ପାରିଲା ସେମିତି ଦୋଷୀ ସାବ୍ୟସ୍ତ କରିଚାଲିଲା । ଦେହର ଲାଳସା ପ୍ରେମକୁ କଳଙ୍କିତ କଲା । ପ୍ରେମ ଏ ସବୁକୁ ନୀରବରେ ସହ୍ୟ କରିନେଲା କାହିଁକି ନା ପ୍ରେମ ନିରୀହ । ପ୍ରେମ ସତ୍ୟ,ଶିବ ସୁନ୍ଦର ।ସତରେ ଆଜିକାଲି ଏ ଦୁନିଆ ଏ ପ୍ରେମକୁ ଦୈହିକ ସୁଖ ବୋଲି ଭାବିଲା । ଆମର ଜାଣି ରଖିବା ଉଚିତ୍ ଯେ ଯେଉଁଠି ଦୈହିକ ଆକର୍ଷଣ ଥାଏ,ଆଉ ଯେଉଁଠି ଶରୀର ଉପଭୋଗର ଆଶାଥାଏ ବା ପୂରଣ ହୋଇଥାଏ ସେଇଠି ଶାଶ୍ୱତ ପ୍ରେମଟା ସମାଧୀ ନେଇଥାଏ । ଆବିଳତା ଓ ଆନ୍ତରିକତା ଏ ସବୁ ମରିଯାଇଥାଏ । ସେହିଭଳି ସମ୍ପର୍କ କେବଳ ସ୍ୱାର୍ଥର ହିଁ ହୋଇଥାଏ,ଯାହା ମାତ୍ର କିଛିଦିନ ପାଇଁ ତିଷ୍ଠି ରହିଥାଏ । ଯେଉଁଠି ହୃଦୟରୁ ପ୍ରକୃତ ନିଛକ ଭଲ ପାଇବାର ସମ୍ପର୍କ ନାହିଁ ସେଠି ଜୋର୍ ଜବରଦସ୍ତ ଅଧିକାରର କିଛି ବି ମୂଲ୍ୟ ନାହିଁ । ଦୈହିକ ସୁଖ ସରିଗଲେ ସତରେ ଏ ଅମାନିଆ ମନଟା ପୁନଶ୍ଚ ଆଉ ଏକ ଶରୀର ପ୍ରତି ଆକୃଷ୍ଟ ହୋଇଥାଏ । ଏହା କଣ ବାସ୍ତବ ପ୍ରେମ ? କିଏ କୁହେ ପ୍ରେମ ପବିତ୍ର ପୁଣି କିଏ କୁହେ ପ୍ରେମ ହେଉଛି ପାପ କିନ୍ତୁ ସାଂପ୍ରତିକ ପରିସ୍ଥିତିର ପ୍ରେମ କଳଙ୍କିତ । ସଭ୍ୟ ସମାଜ ଆଗରେ ପ୍ରେମ ଏକ ଶସ୍ତା ପଣ୍ୟ ଦ୍ରବ୍ୟ ହୋଇଯାଇଛି । ଧନ ପାଖରେ ପ୍ରେମ ହାର୍ ମାନିଛି । ମରୀଚିକା ପଛରେ ପ୍ରେମ ପଡ଼ିଛି । ଶାଶ୍ୱତ ଓ ଚିରନ୍ତନ ପ୍ରେମରେ ଜଣେ ଆର ଜଣଙ୍କ ପାଇଁ ଜୀବନ ଦେବାର ନଜିର ଅଛି କିନ୍ତୁ ଏଠି ପ୍ରତାରଣାର ଶିକାର ହୋଇ ପ୍ରେମ କଳଙ୍କିତ ହୋଇସାରିଛି । ପରିଧି ଭିତରେ ରହିଲେ ପ୍ରେମ ପବିତ୍ର ନହେଲେ ସର୍ବସ୍ୱ ଲୁଟପାଟ ହୋଇଯାଏ । ତେଣୁ ଆମେ ମନେ ରଖିବା ଉଚିତ ଯେ ଯେଉଁ ପର୍ଯ୍ୟନ୍ତ ପ୍ରେମ ଶରୀର ସହ ହେଉଥିବ ସେ ପର୍ଯ୍ୟନ୍ତ ପ୍ରେମ ଶାଶ୍ୱତ ପରିବର୍ତେ କଳଙ୍କିତ ହୋଇ ରହିଥିବ ।ପ୍ରେମ କର କିନ୍ତୁ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ରହିବା ଉଚିତ୍ । ବେଳେବେଳେ ପ୍ରେମକୁ ନେଇ ମନରେ ଅନେକ ପ୍ରଶ୍ନ ଉଠେ ଯେ ପ୍ରେମ; ଏହା ଆଖିର ଦୋଷ ନା ବୟସର ଦୋଷ ? ସମୟର ଦୋଷ ନା ମନର ? ହେ ସଭ୍ୟ ସମାଜର ମଣିଷ ମାନେ ପ୍ରେମକୁ କଳଙ୍କିତ ନକରି ମୁକ୍ତ ଆକାଶର ସୁନ୍ଦର,ସରସ ଓ ସଂସ୍କାରର ପରିଧି ଭିତରେ ଅମର କରିଦିଅନ୍ତୁ । ରୂପ ମୋହ ମଣିଷକୁ ଆଦର୍ଶ ପଥକୁ ନିଏ ନାହିଁ ବରଂ ଅଧଃ ପତିତ କରିଦିଏ । ପ୍ରେମର ବାସ୍ତବତାକୁ ଅନୁଭବ କରି ଉପଯୁକ୍ତ କାର୍ଯ୍ୟ କଲେ ଏ ସମାଜର ମଙ୍ଗଳ ହେବ ଏଥିରେ ସନ୍ଦେହ ନାହିଁ । ହେ ବନ୍ଧୁଗଣ ଆଗେଇ ଆସ ଶପଥ ନିଅ । ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ଭଳି ତେଜୀୟାନ ହୋଇ ପ୍ରେମର ସଠିକ୍ ସଂଜ୍ଞାକୁ ନିଜେ ହୃଦୟଙ୍ଗମ କର । ନଚେତ୍ ଶାଶ୍ୱତ ପ୍ରେମ କଳଙ୍କିତ ହୋଇଯିବ ।

*ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ ମୋ: ୯୪୩୮୦୭୦୮୪୯*

## ସାଇବାଣୀ




✦ ପୂର୍ବ ଜନ୍ମର ଫଳ ଭୋଗ ନିମନ୍ତେ ମନୁଷ୍ୟ ଜନ୍ମ ନେଇଥାଏ

✦ ପ୍ରାରବ୍ଧ କର୍ମର ଫଳ ଭୋଗିବା ପରେ ହିଁ ମନୁଷ୍ୟ ମୁକ୍ତି ପାଇଥାଏ ।

✦ ସୁଖୀ ହେବାକୁ ହେଲେ ସମସ୍ତ କର୍ମ ନିଷ୍କାମ ଭାବରେ କରି ସ୍ୱଇଛାରେ, ଭକ୍ତି ସହକାରେ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଉଚିତ ।

✦ ମୁକ୍ତି କେବଳ ଭଗବାନଙ୍କ ହାତରେ ଓ ଗୁରୁଙ୍କ ଚରଣରେ ରହିଥାଏ ।

✦ ଗୁରୁ ଏହି ଏକ ଶବ୍ଦର ଉଚ୍ଚାରଣ କୋଟିଏ କର୍ମକୁ ନଷ୍ଟ କରିଥାଏ ।

✦ ଦୀନ ଦୁଃଖୀମାନଙ୍କ ନିମନ୍ତେ ସହାନୁଭୂତି ଭାବ ରଖ, ତାକୁ କଷ୍ଟ ଦିଅ ନାହିଁ ଏବଂ ତାକୁ ଘୃଣା କର ନାହିଁ ।

✦ ସର୍ବଦା ଚିନ୍ତାକର, ମୁଁ କିଏ ?

✦ ଯଶ- ଅପଯଶ, ହାନୀ- ଲାଭ, ଜନ୍ମ-ମୃତ୍ୟୁ ଏସବୁ ଭଗବାନଙ୍କ ଲୀଳା ଅଟେ ।

✦ ସୁଖ ଓ ଦୁଃଖ କେବଳ ବ୍ୟକ୍ତିଗତ ମୂଲ୍ୟାଙ୍କନ ଅଟେ- ଭ୍ରମମାତ୍ର ଅଟେ ଏବଂ ବିନାଶ କରେ

✦ ସତ୍‌ସଙ୍ଗ ମହିମା ହେଉଛି- ଦୁଃଖ ଦୂର କରେ, ପାପ ନାଶକରେ ଏବଂ ଜୀବନକୁ ସତ୍ ପଥରେ ଚଳାଏ ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।


✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ, କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

## ଦିଗ୍‌ଦର୍ଶନ

◆ ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ

ଶ୍ରୀ ଶ୍ରୀ ଠାକୁର ପ୍ରାତଃରେ ବଡ଼ାଲ ବାଂଲାର ବାରଣ୍ଡାରେ ତକ୍ତପୋଷ ଉପରେ ବିଛଣାରେ ବସିଛନ୍ତି । ଆକାଶରେ ମେଘ ଅଛି । ଶ୍ରୀ ଶ୍ରୀ ଠାକୁର ଥରେ ସେଇ ଆଡ଼କୁ ଅନାଇ ଦେଖିଲେ । କେଷ୍ଟଦା ଆଉ ଛୋଟଦା ଆସିଲେ । ଶ୍ରୀ ଶ୍ରୀ ଠାକୁର ଖୁସି ମନରେ ସେମାନଙ୍କ ସହିତ କଥା କହିବାକୁ ଲାଗିଲେ । କଥା ପ୍ରସଙ୍ଗରେ କହିଲେ - କାର୍ଯ୍ୟ କରିବା ବାଟରେ ଅନେକ ନିନ୍ଦା, ମନ୍ଦ, ସମାଲୋଚନା ଇତ୍ୟାଦି ଆସେ । ସେହି ଦିଗକୁ ଭୃକ୍ଷେପ କରିବା ଅନୁଚିତ । ଇଷ୍ଟପ୍ରତି ନିଷ୍ଠା ନେଇ କରଣୀୟ ଯାହା ନିଖୁଣ ଭାବେ କରି ଯିବାକୁ ହୁଏ ପରିବେଶର ସହିତ ଶୁଭ ସଙ୍ଗତି ନେଇ । ଆତ୍ମ ବିଶ୍ଳେଷଣ କରିବାକୁ ହୁଏ, ନିଜର ଭୁଲ ତ୍ରୁଟି ଯେଉଁ ଗୁଡିକ ଅଛି, ସେ ଗୁଡ଼ିକୁ କ୍ରମାଗତ ସୁଧାରି ଚାଲିବାକୁ ହୁଏ । କାହାରି ବି ଅହଂକୁ ଅଯଥା ଆଘାତ କରିବା ଉଚିତ ନୁହେଁ । ମଣିଷର ଦୋଷ ତ୍ରୁଟି ଦିନ କରେ ଯାଏନି, ସେ ସମ୍ବନ୍ଧରେ କଠୋର ହେବା ଠିକ ନୁହେଁ । ସହନ-ବହନ କରି ଭଲ ପାଇ ପ୍ରତ୍ୟେକଙ୍କୁ ଆତ୍ମ-ସଂଶୋଧନରେ ପ୍ରବୁଦ୍ଧ କରି ତୋଳିବାକୁ ହୁଏ । ତେବେ ନିଜ ପ୍ରତି କଠୋର ନିରୀଖ ଠିକ୍ ରଖି ଚଳିବାକୁ ହୁଏ । ଅମୁକ ଜଣ ଗୋଟେ କଥା କରିଲା, ତମୁକ ଜଣ ଗୋଟେ କଥା କରିଲା - ତାହାଦ୍ୱାରା ରଙ୍ଗିଳ ହେଲେ କାମ କରିବା ମୁସ୍କିଲ । ମୁଁ ସମସ୍ତଙ୍କର କଥା ଶୁଣେ, କିନ୍ତୁ କାହାରି ମଧ୍ୟ କଥାରେ ରଙ୍ଗିଳ ହୁଏ ନାହିଁ ବରଂ ଭୁଲ ଥିଲେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ । ଅପରର ସମ୍ବନ୍ଧରେ ଦୋଷ ଦୃଷ୍ଟି ରଖିବା ଭଲ ନୁହେଁ । ତହିଁରେ ଚଲାପଥରେ ଅଯଥା ଗୋଟେ ଅନ୍ତରାୟ ସୃଷ୍ଟ କରାହୁଏ । ନିଜର ବି ଲାଭ ହୁଏନି । ଅନ୍ୟର ମଧ୍ୟ ଭଲ ହୁଏନି । ଦୋଷ ଦୃଷ୍ଟି ଓ ନିନ୍ଦାର ପ୍ରବୃ□ ଗୋଟେ ବାସ୍ତବ ଅବଗୁଣ । ମୁଁ କୁହେ ଅନ୍ୟର ସମାଲୋଚନା ଦ୍ୱାରା କାମ କଣ ? ତୁମେ ନିଜ ଇଷ୍ଟଙ୍କ ପଥରେ ଅତୁଟ ହୋଇଚାଲ ଏବଂ ଅନ୍ୟକୁ ମଧ୍ୟ ସେଇ ପଥରେ




ଚାଲିବାକୁ ସାହାଯ୍ୟ କର । ତାହାଦ୍ୱାରା ହେବ ତୁମର କ୍ଷମତାର ବିଚାର । ପରିବେଶ ଯଦି ଖରାପ ବି ହୁଏ ସେଠାରେ ତୁମର କରଣୀୟ ହେଉଛି ନିଜର ଦୃଷ୍ଟାନ୍ତ ଦେଇ, ଚେଷ୍ଟା ଦେଇ, ଭଲ ପାଇବା ଦେଇ, ସେମାନଙ୍କୁ ନିୟନ୍ତ୍ରଣ କରି ତୋଳିବା । ଏହା କରିଲେ ହିଁ ମଣିଷ ସପରିବେଶ ଅଗ୍ରସର ହୋଇ ଉଠେ । ଶୁଣିଛି, ବୁଦ୍ଧଦେବଙ୍କୁ ସୁଜାତା ହାତରୁ କ୍ଷିରୀ ଖାଇବାର ଦେଖି ତାଙ୍କ ପା□ଜଣ ଶିଷ୍ୟ ତାଙ୍କ ଉପରେ ରାଗିଗଲେ । ସେମାନଙ୍କର ମନରେ ସନ୍ଦେହ ଆସିଲା ଏବଂ ସେମାନେ ତାଙ୍କୁ ଛାଡ଼ି ଚାଲିଗଲେ । ବୁଦ୍ଧଦେବଙ୍କୁ ଏତେ ଘନଷ୍ଠ ଭାବରେ ଜାଣିବା ସ□ ମଧ୍ୟ ଯେଉଁମାନଙ୍କର ତାଙ୍କ ଉପରେ ସନ୍ଦେହ ଆସିଲା, ବୁଝି ଦେଖ, ସେମାନେ କିପରି ମେକ୍‌ଦାର (କୃତ୍ରିମ, ନକଲି) ଲୋକ । ବୁଦ୍ଧଦେବ କିନ୍ତୁ ଏହା ଦେଖି ନିରାଶ ହେଲେନି । ସେ ସାରନାଥ ଯାଇ ତାଙ୍କୁ ଧରିଲେ ଏବଂ ତାଙ୍କ ଆଡ଼କୁ ହିଁ ପ୍ରବୃଦ୍ଧ କରି ସେମାନଙ୍କ ଦ୍ୱାରା କେତେ କାମ କରାଇଲେ । ମଣିଷ ପଛରେ ଏହି ପ୍ରକାରରେ ଲାଗି ରହିବାକୁ ହୁଏ । ବଡ଼ଖୋକା ଆଉ ମଣିର ଏହି ପ୍ରକାରର ଗୁଣ ଅଛି । କାଜଲ ମଧ୍ୟ ବେଶ ପାରେ । ଜଣେ ଲୋକ ତାକୁ ଖୁବ୍ ଘୃଣା କରୁଥାଏ । ତାହା ସେ କେଉଁ ଭାବରେ ସହଜ ଜ୍ଞାନରେ ଯେପରି ବୁଝିଥିଲା; କିପରି ଭାବରେ ତା ସହିତ ମିଶୁଥିଲା, ତାକୁ ଆମ୍ବ ସହିତ ଏଇଟା ସେଇଟା ଖାଇବାକୁ ଦିଏ, ପାଚିଲା ବାଳ ଉପାଡି ଦିଏ । ସେ ଯେତେ ଆପ୍ୟାୟିତ କରୁଥାଏ, ସେ ସେତେ ଲଜ୍ଜା ଭୟରେ ସଂକୁଚିତ ହୋଇ ଯାଉଥାଏ । ଏହି ଭାବରେ ତାକୁ ଧୀରେ ଧୀରେ କବ୍‌ଜାରେ ଆଣି ପାରିଥିଲା । ଏହାପରେ ଦେଶର ବର୍ତମାନ ଅବସ୍ଥା ସମ୍ବନ୍ଧରେ କଥା ଉଠିଲା । ଶ୍ରୀ ଶ୍ରୀ ଠାକୁର କହିଲେ - ପରମପିତାଙ୍କ ଇଛା ପୂରଣ ପାଇଁ ଯଦି ମଣିଷ ଅର୍ଥ ଓ ସମ୍ପଦ ବିପୁଳ ଭାବରେ ସଂହତ କରି ତୋଳିପାର ତେବେ ତା' ମାଧ୍ୟମରେ ସାରା ଦେଶକୁ ଏକ ଅଙ୍ଗ କରି ତୋଳିବା ଶକ୍ତ କଠିନ ହେବନି । ଗୋଟେ ଭାଗବତ ଐକ୍ୟବିଧାୟନୀ ମ□ ସୃଷ୍ଟି କରିବା ଛଡ଼ା ବାଟ ନାହିଁ । ଆପଣ ମାନଙ୍କର ଏଇ ଯେଉଁ ମଂଚ□ ଏଥିରେ କାହାରି ମଧ୍ୟ ସତା ପୋଷଣୀ ସ୍ୱାର୍ଥ ଓ ବୈଶିଷ୍ଟ୍ୟ କ୍ଷୁର୍ଣ୍ଣ ହେବାର ନାହିଁ । ମଣିଷକୁ ମାରିବାକୁ ଶିଖାଇବା ବା ମରିବାକୁ ଶିଖାଇବାରେ ଲାଭ ନାହିଁ । ମଣିଷକୁ ଶିଖାଇବାକୁ ହେବ, ସେ ଯେପରି ବଂଚି ପାରେ ଏବଂ ତାର ପରିପନ୍ଥୀ ଯାହା ତାକୁ ବୀରତ୍ୱର ସହିତ ପ୍ରତିରୋଧ କରିପାରେ । ଏହି ଜୀବନୀୟ ଶିକ୍ଷା ହିଁ ଧର୍ମ । ଧର୍ମର ବ୍ୟତ୍ୟୟ ଯେଉଁଠି ଯାହା ହୋଇଛି ତାହା ଅପସାରଣ କରି ପ୍ରକୃତ ଧର୍ମର ପ୍ରତିଷ୍ଠା କରିବାକୁ ହେବ ଏବଂ ତାହା ସବୁ ସମ୍ପ୍ରଦାୟ ମଧ୍ୟରେ, ସବୁ ଦେଶ ମଧ୍ୟରେ, ସବୁ ଜାତି ମଧ୍ୟରେ । ଆଗ ଭାରତ ଭିତରେ ଏହି ଜିନିଷଟାର ରୂପ ଦେବାକୁ ହେବ, ତାପରେ ସାରା ଜଗତରେ ତାହା ଖେଳାଇ ଦେବାକୁ ହେବ ।


*ବିଭାଗୀୟ ମୁଖ୍ୟ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା, : ୯୩୩୮୧୦୦୮୩୭*



## ଶୁଦ୍ଧ ଭାବନା

◆ ଏ ବିନୟ କୁମାର ଦାସ



ମଣିଷ ସବୁବେଳେ ତା ଭାବନା ଆଉ କ୍ରିୟା ଅନୁସାରେ ଭବିଷ୍ୟତରେ ଫଳ ପ୍ରାପ୍ତି ହୋଇ ଥାଏ । ଯଦିଓ ଏହା ଶତ ପ୍ରତିଶତ ସତ, ତଥାପି ମଣିଷ ଏହା ଉପରେ ସେତେ ଗୁରୁତ୍ୱ ପ୍ରଦାନ କରି ନଥାଏ ।। ଭାବନା ଶୁଦ୍ଧ ହେଲେ ଫଳ ମଧ୍ୟ ଶୁଦ୍ଧ ହୋଇଥାଏ । ପକ୍ଷାନ୍ତରେ ଫଳ ଠିକ୍ ବୀପରିତ ହେବା ସ୍ୱାଭାବିକ । ଯେଉଁମାନେ ନିଜର ପ୍ରଚାର ପ୍ରସାର ପାଇଁ ଗରିବଙ୍କୁ କିଛି ଦାନ କରୁଥାନ୍ତି , ସେମାନେ ଯେ ସତକୁ ସତ ଭଗବତ୍ କୃପାରୁ ବଂଚିତ ହୁଅନ୍ତି, ସେତକ ସେମାନେ ବୁଝି ପାରନ୍ତି ନାହିଁ । କିନ୍ତୁ ଯେଉଁମାନେ ସତ୍ ପଥରେ ଅର୍ଜିତ ଧନକୁ ଗରିବ ଅସହାୟ ପାଇଁ ଦାନ କରୁଥାନ୍ତି, ସେମାନେ ଈଶ୍ୱରଙ୍କ ନିକଟତର ହୋଇଯାନ୍ତି । ଜଣେ ପୂରୋହିତ ଖବର ପାଇଲେ ଯେ ତିନି ବର୍ଷ ଧରି ବେଲପତ୍ରରେ ଯଜ୍ଞ ଆଉ ହୋମାଦି କଲେ ତିନୋଟି ସୁବର୍ଣ୍ଣ ପରେ ଲୋକଟି ତିନୋଟି ସୁବର୍ଣ୍ଣ ବେଲ ପାଇଗଲା । ଅନ୍ୟ ପକ୍ଷରେ ପୂରୋହିତଙ୍କ ପୂଜାପାଠ ସେମିତି ଚାଲୁ ରହିଥିଲା । ଲୋକଟି କୃତଜ୍ଞତା ଜଣାଇବା ସକାଶେ ପୂରୋହିତଙ୍କୁ ସାକ୍ଷାତ କଲା । କହିଲା , ଆପଣଙ୍କ ଦୟା ଆଉ ପରାମର୍ଶ ଯୋଗୁଁ ମୋତେ ତିନିଟି ସୁବର୍ଣ୍ଣ ବେଲ ମିଳିଯାଇଛି । ମୁଁ ଆପଣଙ୍କ ଠାରେ ଚିର କୃତଜ୍ଞ ହୋଇରହିଲି । ଆଶ୍ଚର୍ଯ୍ୟ ହୋଇ ଗଲେ ପୂରୋହିତ । ଏହା କେମିତି ସମ୍ଭବ ହେବ ? ତାଙ୍କ ପୂଜାପାଠ ର ଫଳ ଭୁଲରେ ଆଉ ଏ ଲୋକଟି ପାଇଗଲା କି ? ସେ କିଛି ବୁଝି ପାରୁ ନଥିଲେ । ଲୋକଟି କହିଲା , ଏ ତିନି ଗୋଟି ସୁବର୍ଣ୍ଣ ବେଲକୁ ମୁଁ ଜନ ହିତକର କାର୍ଯ୍ୟରେ ଲଗାଇବି । ପୂଜା ପୂର୍ବରୁ ମୁଁ ଏହି କାମନା କରି ଥିଲି । ମୋର ଅସଲ ଉଦ୍ଦେଶ୍ୟ ମୁଁ ପ୍ରଥମରୁ ହିଁ ଈଶ୍ୱରଙ୍କୁ ଜଣାଇ ଦେଇ ଥିଲି । ଶୁଦ୍ଧ ଭାବନା ର ଫଳ ନିଶ୍ଚିତ ଭାବରେ ଯେ ଶୁଦ୍ଧ ହୁଏ , ତାହା ଏଥରୁ ଅନୁମାନ କରିହୁଏ ।

## ଈଶ୍ୱର ସର୍ବଜ୍ଞ ଓ ସର୍ବଶକ୍ତିମାନ



ଥରେ ଗଙ୍ଗା ତଟକୁ ଜଣେ ତତ୍ତ୍ୱଦର୍ଶୀ ମହର୍ଷିଙ୍କର ଆଗମନ ହେଲା । ତାଙ୍କ ଉପଦେଶ ଶୁଣିବା ନିମିତ□ ବହୁ ସଂଖ୍ୟାରେ ଲୋକ ସେଠାରେ ଏକାଠି ହେଲେ । ଜନସମୁଦାୟ ସମ୍ମୁଖରେ ଜୀବ ଓ ବ୍ରହ୍ମର ଏକତାର ବିଶ୍ଳେଷଣ କରି ମହର୍ଷି ବୁଝାଉଥିଲେ, 'ଜୀବ ଈଶ୍ୱରଙ୍କର ଏକ ଅଂଶ । ଯେଉଁ ଗୁଣ ଈଶ୍ୱରଙ୍କ ଠାରେ ଅଛି, ତାହା ଜୀବଙ୍କଠାରେ ବି ରହିଛି ।' ଏହା ଶୁଣି ଶ୍ରୋତାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଉଠିଲା ଏବଂ କହିଲା, 'ମହାତ୍ମା, ଆପଣଙ୍କର ଏ କଥା ମୁଁ ବୁଝିପାରିଲି ନାହିଁ । ଈଶ୍ୱର ସର୍ବଜ୍ଞ ଓ ସର୍ବଶକ୍ତିମାନ । କିନ୍ତୁ ଜୀବ ତ ଅଳ୍ପ ଜ୍ଞାନୀ ଓ ଅଳ୍ପ ସାମର୍ଥ୍ୟ ବିଶିଷ୍ଟ । ଏତେ ଭିନ୍ନତା ଥାଇ ଏକତା କିପରି ?' ମହର୍ଷି ବ୍ୟକ୍ତିକୁ ପାଖକୁ ଡାକିଲେ ଏବଂ କହିଲେ, 'ମୁଁ ତୁମର ଶଙ୍କା ଏବେ ଦୂର କରିଦେଉଛି । ପ୍ରଥମେ ଯାଅ ଏ ଲୋଟାରେ ଗଙ୍ଗାଜଳ ଭର୍ତି କରି ଆଣ ।' ସେ ଗଙ୍ଗାରୁ ଗୋଟିଏ ଲୋଟା ଜଳ ଭର୍ତି କରି ଆଣିଲା । ଏହା ପରେ ମହର୍ଷି ତାଙ୍କୁ ପଚାରିଲେ, 'ଆଚ୍ଛା କହିଲ, ପ୍ରବାହିତ ଗଙ୍ଗା ଓ ଲୋଟାରେ ଥିବା ଜଳ ମଧ୍ୟରେ କୌଣସି ଅନ୍ତର ନାହିଁ ତ ?' ବ୍ୟକ୍ତି କହିଲା, 'ବିଲକୁଲ୍ ନୁହେଁ ମହାତ୍ମା । ମୁଁ ଏ ଜଳ ସେଇ ଗଙ୍ଗାରୁ ଆଣିଛି । ଉଭୟ ଜଳରେ ଅନ୍ତର ଭଲା କେମିତି ହେବ ।'ଏହା ଶୁଣିବା ପରେ ମହର୍ଷି କହିଲେ, 'ସାମ୍ନାରେ ତୁମେ ଦେଖୁଛ ଗଙ୍ଗା ନଦୀରେ କେତେ ଡଙ୍ଗା ଚାଲୁଛି । ଏହି ଲୋଟାରେ ଗୋଟିଏ ଡଙ୍ଗା ଚଲାଇ ଦେଖାଅ ତ ।' ଏହା ଶୁଣି ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ କହିଲା, 'ଏ ଆପଣ କ'ଣ କହୁଛନ୍ତି ମହାତ୍ମା ! ଲୋଟା ଖୁବ୍ ଛୋଟ ଆଉ ଏଥିରେ ଅଳ୍ପ ଜଳ ଅଛି । ଲୋଟାରେ ଭଲା ଡଙ୍ଗା କେମିତି ଚାଲିବ ।' ମହର୍ଷି ଗମ୍ଭୀର ହୋଇ କହିଲେ, 'ଜୀବ ବି ଏକ ଛୋଟ ସୀମାରେ ଆବଦ୍ଧ ହେବା କାରଣରୁ ଲୋଟା ଜଳ ଭଳି ଅଳ୍ପ ବୁଦ୍ଧି ଓ ଶକ୍ତିହୀନ ହୋଇଛି । ଏ ଜଳ ଯଦି ପୁନଃ ଗଙ୍ଗାରେ ଢାଳି ଦିଆଯାଏ, ତେବେ ସେଥିରେ ଡଙ୍ଗା ଚାଲିବ । ସେହିଭଳି ଯଦି ଜୀବ ନିଜ ସଂକୀର୍ଣ୍ଣତାର ବନ୍ଧନକୁ ଫିଟାଇ ମହାନ ହୋଇଯାଏ, ତେବେ ସେ ଈଶ୍ୱରଙ୍କ ଭଳି ସର୍ବଜ୍ଞ ଓ ସର୍ବଶକ୍ତିସମ୍ପନ୍ନ ସହଜରେ ହୋଇପାରିବ ।' ଏହା ଶୁଣି ବ୍ୟକ୍ତିର ଶଙ୍କା ଦୂର ହୋଇଗଲା । ଈଶ୍ୱର ଓ ଜୀବର ସ୍ଥିତି ମଧ୍ୟରେ ଅନ୍ତର ସେ ବୁଝିପାରିଲା । ସଂକୀର୍ଣ୍ଣତାର ସୀମା ହଟାଇ ଯେ କୌଣସି ଜୀବ ଈଶ୍ୱରତ୍ୱ ପ୍ରାପ୍ତ କରିପାରେ, ଏହା ମଧ୍ୟ ସେ

## ପୁଷ୍ପକ ବିମାନ

ଦେବତାମାନଙ୍କ ଉତମ ବିମାନ ମଧ୍ୟରେ ସବୁଠୁ ଅଧିକ ଆଦର ପୁଷ୍ପକ ବିମାନର ହେଉଥିଲା । ଏହି ବିମାନର ଗଠନ ଏବଂ ଉଡ଼ିବାର ଶୈଳୀ ଅତ୍ୟନ୍ତ ଚମତ୍କାର ଥିଲା । ହୀରା, ମୋତି, ମାଣିକରେ ଖଚିତ ପୁଷ୍ପକ ବିମାନର ମହିମା ଆଜି ମଧ୍ୟ ଅନେକଙ୍କୁ ରୋମାଂଚିତ କରିଥାଏ । ଦେବଶିଳ୍ପୀ ବିଶ୍ୱକର୍ମା ପୁଷ୍ପକ ବିମାନର ନିର୍ମାଣ କରିଥିଲେ । ଲଙ୍କାଧୀଶ ରାବଣର ସାବତ ଭ୍ରାତା ଧନପତି କୁବେରଙ୍କ ପାଇଁ ସେ ଏହି ବିମାନ ଗଢ଼ିଥିଲେ । ହେଲେ କୁବେରଙ୍କୁ ଯୁଦ୍ଧରେ ପରାସ୍ତ କରି ରାବଣ ପୁଷ୍ପକ ବିମାନ ହାତେଇ ନେଇଥିଲା । ବାଲ୍ମିକୀ ରାମାୟଣରେ ତିନୋଟି ସ୍ଥାନରେ ପୁଷ୍ପକ ବିମାନ ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରଥମତଃ ରାବଣ ସନ୍ନ୍ୟାସୀ ବେଶ ଧାରଣ କରିବା ସମୟରେ ଏହି ବିମାନରେ ଦେବୀ ସୀତାଙ୍କୁ ହରଣ କରି ନେଇଥିଲା । ଦ୍ୱିତୀୟତଃ ସମୁଦ୍ର ଲଙ୍ଘନ



କରି ବୀର ହନୁମାନ ଲଙ୍କାରେ ପ୍ରବେଶ କରିବା ପରେ ପୁଷ୍ପକ ବିମାନ ଦେଖିବାକୁ ପାଇଥିଲେ । ବିଭିନ୍ନ ପ୍ରକାରର ମୂଲ୍ୟବାନ ରତ୍ନରେ ଖଚିତ ପୁଷ୍ପକ ବିମାନର ପ୍ରଶଂସାରେ ମହାକବି ହନୁମାନ ଅତି ଉଚ୍ଚକୋଟୀର ଶ୍ଳୋକ ରଚନା କରିଥିଲେ । ତୃତୀୟତଃ ରାବଣର ବଧ କରିବା ପରେ ରାମ, ଲକ୍ଷ୍ମଣ ଏବଂ ମାତା ସୀତାଙ୍କୁ ପୁଷ୍ପକ ବିମାନରେ ବସାଇ ବିଭୀଷଣ ଅଯୋଧ୍ୟାରେ ପହଂଚାଇଥିଲେ । ଏହି ସମୟରେ ପୁଷ୍ପକ ବିମାନର ଅଦ୍ୱିତୀୟତା ସମ୍ପର୍କରେ ବିଭୀଷଣ ଭଗବାନ ରାମଚନ୍ଦ୍ରଙ୍କ ଆଗରେ ବଖାଣି ଥିଲେ । ଏହି ବିମାନରେ ବୈଦୁର୍ଯ୍ୟ ନାମକ ଅତି ମୂଲ୍ୟବାନ ମଣି ଖଚିତ ହୋଇଥିଲା । ସୁବର୍ଣ୍ଣ ଏବଂ ରୁପାରେ ନିର୍ମିତ ପୁଷ୍ପକ ବିମାନରେ ଗୁପ୍ତ ଗୃହ ସବୁ ରହିଥିଲା । ଯାହା ନକ୍ଷତ୍ର ସମାନ ଉଜ୍ଜ୍ୱଳ ଦିଶୁଥିଲା । ସୁମେରୁ ପର୍ବତ ଭଳି ଉଚ୍ଚ ପୁଷ୍ପକ ବିମାନରେ ସୁସଜ୍ଜିତ କୋଠରୀ ସବୁ ମଧ୍ୟ ରହିଥିଲା ।

## ଗୀତାର ସାରାଂଶ

◆ ସୌରଚନ୍ଦ୍ର ମହାପାତ୍ର

*ପ୍ରଥମ ଅଧ୍ୟାୟ (ଅର୍ଜୁନବିଷାଦ ଯୋଗ)* : ସାଂସାରିକ ମୋହ ହେତୁ ମନୁଷ୍ୟ 'ମୁଁ କଣ କରିବି ଆଉ କ'ଣ ନ କରିବି' ଏଭଳି ଦ୍ୱନ୍ଦ୍ୱରେ ପଡ଼ି କର୍ତବ୍ୟଚ୍ୟୁତ ହୋଇଯାଏ । ଏଣୁ ମୋହ ବା ସୁଖଶକ୍ତିର ବଶବର୍ତୀ ହେବା ଅନୁଚିତ । *ଦ୍ୱିତୀୟ ଅଧ୍ୟାୟ (ସାଂଖ୍ୟ ଯୋଗ)* : ଶରୀର ନାଶବାନ ଏବଂ ତାକୁ ଜାଣୁଥିବା ଶରୀରୀ ଅବିନାଶୀ - ଏହି ବିବେକକୁ ମହତ୍ତ୍ୱ ଦେବା ଅଥଚ ସ୍ୱକ□ବ୍ୟ ପାଳନ କରିବା, କୌଣସି ଗୋଟିଏ ଉପାୟ ଅବଲମ୍ବନ କଲେ ମନୁଷ୍ୟର ଶୋକ ଓ ଚିନ୍ତା ଦୂରୀଭୂତ ହୋଇଯାଏ । *ତୃତୀୟ ଅଧ୍ୟାୟ (କର୍ମ ଯୋଗ)* : ନିଷ୍କାମ ଭାବରେ କେବଳ ଅନ୍ୟମାନଙ୍କ ହିତ ନିମନ୍ତେ ତତ୍ପର ହୋଇ ସ୍ୱକ□ବ୍ୟ ପାଳନ କରିବା ଦ୍ୱାରା ଉଦ୍ଧାର ହୋଇଯାଏ । *ଚତୁର୍ଥ ଅଧ୍ୟାୟ (ଜ୍ଞାନକର୍ମ ସନ୍ନ୍ୟାସ ଯୋଗ)* : କର୍ମ ବନ୍ଧନରୁ ମୁକ୍ତ ହେବାର ଦୁଇଟି ଉପାୟ ଅଛି । ତାହା ହେଲା କର୍ମର ତ□କୁ ଜାଣି ନିଃସ୍ୱାର୍ଥ ଭାବରେ କର୍ମ କରିବା ଏବଂ ତ□ଜ୍ଞାନକୁ ଅନୁଭବ କରିବା । ପ□ମ ଅଧ୍ୟାୟ (କର୍ମସନ୍ନ୍ୟାସ ଯୋଗ) : ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସୁଖୀ-ଦୁଃଖୀ ହେବା ଉଚିତ ନୁହେଁ; କାରଣ ଏଥିରେ ସୁଖୀ-ଦୁଃଖୀ ହେଉଥିବା ମନୁଷ୍ୟ ସଂସାରରୁ ଉର୍ଦ୍ଧ୍ୱକୁ ଉଠି ପରମ ଆନନ୍ଦ ଅନୁଭବ କରିପାରେନାହିଁ । *ଷଷ୍ଠ ଅଧ୍ୟାୟ (ଆତ୍ମସଂଯମ ଯୋଗ)* : ଯେକୌଣସି ସାଧନ ଅବଲମ୍ବନ କଲେ ମଧ୍ୟ ଅନ୍ତଃକରଣରେ ସମତା ଆସିବା ନିତାନ୍ତ ଆବଶ୍ୟକ । ସମତା ନ ଆସିବା ପର୍ଯ୍ୟନ୍ତ ମନୁଷ୍ୟ ସମ୍ପୂର୍ଣ୍ଣ ନିର୍ବିକାର ହେବା ଅସମ୍ଭବ । *ସପ୍ତମ ଅଧ୍ୟାୟ (ଜ୍ଞାନବିଜ୍ଞାନ ଯୋଗ)* : ସବୁକିଛି ଭଗବାନ ହୃଦୟର ସହ ଏତିକି ସ୍ୱୀକାର କରିବା ସର୍ବଶ୍ରେଷ୍ଠ ସାଧନା । *ଅଷ୍ଟମ ଅଧ୍ୟାୟ (ଅକ୍ଷରବହ୍ମ ଯୋଗ)* : ଅନ୍ତକାଳୀନ ଚିନ୍ତନ ଅନୁସାରେ ମନୁଷ୍ୟର ଆଗାମୀ ଗତି ହୋଇଥାଏ । ତେଣୁ ମନୁଷ୍ୟ ସଦାସର୍ବଦା ଭଗବାନଙ୍କୁ ସ୍ମରଣ କରି ସ୍ୱକର୍ତବ୍ୟ ପାଳନ କରିବା ଉଚିତ, ଯାହାଫଳରେ ଅନ୍ତକାଳରେ ଭଗବତ୍ ସ୍ମୃତି ଜାଗ୍ରତ ରହିପାରିବ ।
*ନବମ ଅଧ୍ୟାୟ (ରାଜବିଦ୍ୟାରାଜଗୁହ୍ୟ ଯୋଗ)* : ବର୍ଣ୍ଣ, ଆଶ୍ରମ, ସମ୍ପ୍ରଦାୟ, ଦେଶ, ବେଶ ଇତ୍ୟାଦି ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ଭଗବତ୍ ପ୍ରାପ୍ତିର ଅଧିକାରୀ । *ଦଶମ ଅଧ୍ୟାୟ (ବିଭୂତି ଯୋଗ)* : ସଂସାରରେ ଯେଉଁ ସବୁ ସ୍ଥାନରେ କୌଣସି ମହ□, ବିଶେଷତ୍ୱ, ବୈଚିତ୍ର୍ୟ, ସୌନ୍ଦର୍ଯ୍ୟ, ବିଦ୍ୱ□, ବଳବ□ ଇତ୍ୟାଦି ଦୃଷ୍ଟିଗୋଚର ହୁଏ, ତାହା ଭଗବାନଙ୍କର ବୋଲି ଭାବି ସେଥିରେ ଭଗବାନଙ୍କୁ ଚିନ୍ତନ କରିବା ବିଧେୟ । *ଏକାଦଶ ଅଧ୍ୟାୟ (ବିଶ୍ୱରୂପଦର୍ଶନ ଯୋଗ)* : ସମଗ୍ର ଜଗତକୁ ଭଗବାନଙ୍କର ସ୍ୱରୂପ ମନେ କରି ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ବିରାଟରୂପ ଦର୍ଶନ କରି ପାରିବ । *ଦ୍ୱାଦଶ ଅଧ୍ୟାୟ (ଭକ୍ତି ଯୋଗ)* : ଯେଉଁ ଭକ୍ତ ଶରୀର, ଇନ୍ଦ୍ରୀୟ, ମନ, ବୁଦ୍ଧି ସମେତ ନିଜକୁ ସର୍ବତୋଭାବେ ଭଗବାନଙ୍କୁ ଅର୍ପିତ କରିଦିଏ, ସେ ଭଗବାନଙ୍କର ପ୍ରିୟ ହୋଇଥାଏ । ତ୍ରୟୋଦଶ ଅଧ୍ୟାୟ (କ୍ଷେତ୍ରକ୍ଷେତ୍ରଜ୍ଞବିଭାଗ ଯୋଗ) : ସଂସାରରେ ଏକମାତ୍ର ପରମାତ୍ମତତ୍ତ୍ୱ ହିଁ ଜାଣିବାର ଯୋଗ୍ୟ । ତାହାକୁ ଜାଣିଗଲେ ଅମରତ୍ୱ ପ୍ରାପ୍ତି ହୋଇଯାଏ । ଚତୁର୍ଦ୍ଦଶ ଅଧ୍ୟାୟ (ଗୁଣତ୍ରୟବିଭାଗ ଯୋଗ) : ସଂସାର ବନ୍ଧନରୁ ମୁକ୍ତି ପାଇବା ନିମନ୍ତେ ସତ୍ତ୍ୱ, ରଜ ଓ ତମ ଗୁଣରୁ ଅତୀତ ହେବା ପରମ ଆବଶ୍ୟକ । ଅନନ୍ୟ ଭକ୍ତି ବଳରେ ମନୁଷ୍ୟ ଉକ୍ତ ତ୍ରିଗୁଣରୁ ଅତୀତ ହୋଇପାରିବ । *ପଂଚଦଶ ଅଧ୍ୟାୟ (ପୁରୁଷୋ□ମ ଯୋଗ)* : ଏ ସଂସାରର ମୂଳ ଆଧାର ତଥା ସର୍ବୋପରି ପରମ ପୁରୁଷ କେବଳ ଭଗବାନ ଏଭଳି ବିଶ୍ୱାସ କରି ଅନନ୍ୟ ଭାବରେ ଭଗବାନଙ୍କୁ ଭଜିବା ବାଞ୍ଛନୀୟ । ଷୋଡ଼ଶ ଅଧ୍ୟାୟ (ଦୈବାସୁରସମ୍ପଦ୍‌ବିଭାଗ ଯୋଗ) : ଦୁର୍ଗୁଣ ଓ ଦୁରାଚାର ହେତୁ ମନୁଷ୍ୟ ନରକକୁ ଯାଇଥାଏ ଏବଂ ଦୁଃଖ ଭୋଗିଥାଏ । ତେଣୁ ଜନ୍ମମୃତ୍ୟୁ ଆବ□ରୁ ମୁକ୍ତି ପାଇବା ନିମନ୍ତେ ଦୁର୍ଗୁଣ ଓ ଦୁରାଚାର ବର୍ଜନ କରିବା ଅତ୍ୟନ୍ତ ଆବଶ୍ୟକ ।
*ସପ୍ତଦଶ ଅଧ୍ୟାୟ (ଶ୍ରଦ୍ଧାତ୍ରୟବିଭାଗ ଯୋଗ)* : ମନୁଷ୍ୟ ଶ୍ରଦ୍ଧାପୂର୍ବକ କୌଣସି ଶୁଭକାର୍ଯ୍ୟ କରିବାକୁ ଗଲାବେଳେ ତାହାକୁ ଭଗବତ୍ ସ୍ମରଣ ତଥା ଭଗବାନ୍ନାମ ଉଚ୍ଚାରଣପୂର୍ବକ ଆରମ୍ଭ କରିବା ବାଞ୍ଛନୀୟ । *ଅଷ୍ଟାଦଶ ଅଧ୍ୟାୟ (ମୋକ୍ଷସନ୍ନ୍ୟାସ ଯୋଗ)* : ସକଳ ଗ୍ରନ୍ଥର ସାର ବେଦ, ବେଦର ସାର ଉପନିଷଦ, ଉପନିଷଦର ସାର ଗୀତା ଏବଂ ଗୀତାର ସାର ଭଗବତ ଶରଣାଗତି । ଯେ ମନରେ ପ୍ରଶ୍ନ ନରଖି ଭଗବାନଙ୍କ ଶରଣ ଗ୍ରହଣ କରେ, ଭଗବାନ ତାକୁ ସମସ୍ତ ପାପରୁ ମୁକ୍ତି କରି ଦିଅନ୍ତି ।


*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*


## ଭଗବତ୍ ସାନ୍ନିଧ୍ୟ ପାଇଁ ପ୍ରାର୍ଥନା

ପ୍ରାର୍ଥନା ଏକ ପୁନର୍ଜୀବନ ଏବଂ ପୁନର୍ଜନ୍ମ । ପ୍ରାର୍ଥନା ହେଉଛି ଭଗବତ୍ ସାନ୍ନିଧ୍ୟ । ଭଗବାନଙ୍କଠାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ହିଁ ପ୍ରାର୍ଥନା । ମନୁଷ୍ୟର ମନ, ପ୍ରାଣ ଓ ଅନ୍ତର ଦେଇ ଯେଉଁ ଆଧ୍ୟାତ୍ମିକ ଶକ୍ତି ପ୍ରବାହିତ ହୋଇ ଚାଲିଛି ସେହି ଶକ୍ତିକୁ ଆବାହନ କରିବାର ନାମ ପ୍ରାର୍ଥନା । ମାଧ୍ୟାକର୍ଷଣ ଶକ୍ତି ପରି ଏହା ଏକ ବାସ୍ତବ ଶକ୍ତି । ଉଚ୍ଚତର ଜୀବଙ୍କ ଜୀଇଁ ରହିବାର କଳାର ନାମ ପ୍ରାର୍ଥନା । ଜଣେ ଚବିଶ ପ୍ରହର ପ୍ରାର୍ଥନାରେ ବାସ କରିପାରେ, ତାର ଖାଦ୍ୟ ଗ୍ରହଣ, ନିଃଶ୍ୱାସ ନେବା, ନିଦ୍ରାଯିବା ସବୁକିଛି କାର୍ଯ୍ୟ ପ୍ରାର୍ଥନା ଭିତରେ ରହିପାରେ, ସେ ତାଙ୍କ ସହିତ ପଦଚାରଣ କରେ । ତାଙ୍କ ସହ ନିଃଶ୍ୱାସ-ପ୍ରଶ୍ୱାସ ନିଏ, ଅବିଚ୍ଛିନ୍ନ ଭାବେ ପ୍ରାର୍ଥନା ହୋଇ ଚାଲିଥାଏ ଯେମିତି ତୁମେ ଯାହା କର ନା କାହିଁକି ଦୁଃଖର ପୃଷ୍ଠଭୂମିରେ ପ୍ରାର୍ଥନାର ସଙ୍ଗୀତ ଅବିରତ ବାଜି ଚାଲିଥାଏ । ପ୍ରାର୍ଥନା କିଛି ଦାବି କରେ ନାହିଁ । ଥରେ ଏକ ଶିଶୁର କଣ୍ଢେଇଟି ପଡି ଭାଙ୍ଗିଗଲା । ସେଥିପାଇଁ ସେ ଲୁହ ଗଡାଉଥିଲା । ତା'ର ଭାଇକୁ ଦେଖାଇ କହିଲା- ଭାଇ, ମୁଁ ଯାଉଛି ଭଗବାନଙ୍କୁ ପ୍ରାର୍ଥନା କରିବି, ସେ ମୋ କଣ୍ଢେଇଟି ଯୋଡିଦେବେ । ଭାଇ କହିଲା- ତୁ ଆଶା କରୁଛୁ ଯେ ଭଗବାନ ତୋ ପ୍ରାର୍ଥନା ଶୁଣିବେ ? ତୁ ଦେଖିବୁ ଭଗବାନ ନିଶ୍ଚିତ ଉ□ର ଦେବେ, ଭଉଣୀଟି କହିଲା । ତା ପରଦିନ ଭୋରରୁ ଯେତେବେଳେ ଭାଇ ପଡିଥିବା ଭଙ୍ଗା କଣ୍ଢେଇଟିକୁ ଚାହିଁ ତା ପାଖକୁ ଆସି ପଚାରିଲା-କ'ଣ ଭଗବାନ ତୋ କଥା ଶୁଣିଲେ ? ଭଉଣୀ କହିଲା- ହଁ ଭଗବାନ ଶୁଣିଲେ । ସେ କହିଲେ କଣ୍ଢେଇଟିକୁ ନେଇ ଖେଳିବା ଆଉ ତୋ'ର ଆବଶ୍ୟକ ନାହିଁ, ଏହାହିଁ ହେଉଛି ପ୍ରାର୍ଥନା । ସେ କିଛି ଦାବି କରେ ନାହିଁ । ଯଦି ସେ ନା' କରନ୍ତି ତାହା ବି ପୂରାପୂରି ଠିକ୍ । କାରଣ ନିଷ୍ପତି ହିଁ ସେ ନେବେ । ପ୍ରାର୍ଥନା ଏକ ଭାବ, ଏକ ଅବସ୍ଥା, ଏକ କ୍ରିୟା ନୁହେଁ । "ଭାବକୁ ନିକଟ, ଅଭାବକୁ ଦୂର । ଏ



ଜଗତ ଭାବର ଜଗତ୍, ଭାବରେ ବନ୍ଧା ସ୍ୱୟଂ ନିରାକାର, ଭାବ ହିଁ ଏକମାତ୍ର ପଥ ଉପଲବ୍ଧିର, ଭାବ ବିନା ସବୁ ଅର୍ଥହୀନ । ଅଭାବରେ ଦୁନିଆର ଭାବ ଉପେକ୍ଷିତ, ଏଠି ସବୁ ହିସାବ-ନିକାଶର ଗଣିତ, ସବୁ ଅଭ୍ୟାସଗତ, ଚିରାଚରିତ ପ୍ରବତିର ପୁନରାବୃତି ମାତ୍ର ଯାହା ଆମର ସାମଗ୍ରିକ ସ□ାକୁ ନିରବିଚ୍ଛିନ୍ନ ଭାବେ ଆଚ୍ଛନ୍ନ କରି ରଖେ ନାହିଁ । କବିରଙ୍କୁ କେହି ଜଣେ ପଚାରିଲା ଆପଣ ପ୍ରାର୍ଥନା କେତେବେଳେ କରୁଛନ୍ତି ? ଭଗବାନଙ୍କ ସେବା କେତେବେଳେ କରୁଛନ୍ତି ? ମନ୍ଦିର ପରିକ୍ରମା ପାଇଁ କେତେବେଳେ ଯାଆନ୍ତି ? ଉ□ରରେ କବିର କହିଲେ ମୁଁ ଉଠୁଛି, ବସୁଛି ଏଥିରେ ତା'ର ପରିକ୍ରମା ଚାଲୁଛି । ମୁଁ ଖାଉଛି, ପାଉଛି ଓ ଯାହା କରୁଛି ତା'ର ହିଁ ସେବା ଚାଲିଛି, ତା'ନହେଲେ ଆଉ କାହା ପାଖରେ ମୁଁ ପ୍ରସାଦ ଅର୍ପଣ କରିବି ? କାହା ସାମନାରେ ମୁଁ ପୂଜାଥାଳି ସଜାଡିବି ? ଥରେ ଜଣେ ଶିଷ୍ୟ ଯୀଶୁଙ୍କୁ ପଚାରିଲେ, 'ପ୍ରାର୍ଥନା କ'ଣ ? ଯୀଶୁ ଆଣ୍ଠୁ ଭାଙ୍ଗି ବସି ପଡ଼ିଲେ ଏବଂ ପ୍ରାର୍ଥନା କରିବାକୁ ଆରମ୍ଭ କଲେ, ଶିଷ୍ୟ କହିଲେ, ମୁଁ କେବଳ ପ୍ରାର୍ଥନା କ'ଣ ବୋଲି ପଚାରୁଛି, ପ୍ରାର୍ଥନା କରିବା ପାଇଁ ଆପଣଙ୍କୁ କହିନାହିଁ, ମୁଁ ପ୍ରାର୍ଥନା କରିପାରେ, ତୁମେ ଏଥିରେ ଅଂଶ ଗ୍ରହଣ କରିପାର, ମୁଁ ତୁମକୁ ନିମନ୍ତ୍ରଣ କରୁଛି, ତୁମେ ମୋର ଏହି ପ୍ରାର୍ଥନାର ଅଂଶ ହୋଇପାର । ପ୍ରାର୍ଥନା କ'ଣ ତୁମକୁ କହିପାରିବି ନାହିଁ । କିନ୍ତୁ ଏହା ମଧ୍ୟକୁ ମୁଁ ଯାଇପାରେ ।' ଏହି ପରିପ୍ରେକ୍ଷୀରେ ବହୁ ବର୍ଷ ତଳେ ଲିଓ ଟଲଷ୍ଟୟ ଏକ କାହାଣୀ ଲେଖିଥିଲେ । ତାର ନାଁ **'Three Hermits'** । ରୁଷିଆର କୌଣସି ଏକ କ୍ଷୁଦ୍ର ଦ୍ୱୀପରେ ତିନି ଜଣ ସନ୍ୟାସୀ ରହୁଥିଲେ । ସେମାନଙ୍କ ମଧ୍ୟରୁ ସବୁଠାରୁ ବୟସ୍କ ସନ୍ୟାସୀଙ୍କ ବୟସ ଶହେ ବର୍ଷରୁ ଅଧିକ ବୋଲି ଅନୁମାନ କରାଯାଉଥିଲା । ସେ ସର୍ବଦା ପ୍ରସନ୍ନ ରହୁଥିଲେ । ଦ୍ୱିତୀୟ ସାଧୁ ବୃଦ୍ଧ, ତାଙ୍କର ଦାଢି ଥିଲା ହଳଦିଆ । ସେ ଥିଲେ ବଳିଷ୍ଠ, ଚେହେରାବନ୍ତ, ତୃତୀୟଜଣକ ଡେଙ୍ଗା ଥିଲେ । ସେ ଗମ୍ଭୀର ଦେଖାଯାଉଥିଲେ । ତିନିଜଣଯାକ ନିରକ୍ଷର, ସରଳ, ନିଷ୍କପଟ, ଧର୍ମ ବିଷୟରେ କିଛି ଜଣା ନଥିଲା । ସବୁବେଳେ ନିରବ ରହୁଥିଲେ । ସେମାନଙ୍କ ଗୁଣ ପାଇଁ ଶହଶହ ଲୋକ ସେମାନଙ୍କୁ ଭକ୍ତି କରୁଥିଲେ ଓ ପ୍ରତିଦିନ ଦର୍ଶନ ନିମନ୍ତେ ଆସୁଥିଲେ । ଏ ସମ୍ବାଦ ସେ ଦେଶର ମୁଖ୍ୟ ଧର୍ମାଧ୍ୟକ୍ଷ ବିଶପ୍‌ଙ୍କ କାନରେ ପଡ଼ିଲା । ବିଶପ୍ ଖୁବ୍ ଆଶ୍ଚର୍ଯ୍ୟ ହେଲେ । କାରଣ ଚର୍ଚ୍ଚର ବିନା ଅନୁମୋଦନରେ କାହାରିକୁ 'ସନ୍ଥ' ବୋଲି ଘୋଷଣା କରାଯାଏ ନାହିଁ । ଚର୍ଚ୍ଚ ଯେତେବେଳେ ଘୋଷଣା କରିନାହିଁ ସେତେ ବେଳେ ଏତେ ସଂଖ୍ୟକ ଲୋକ ଏହି ତିନି ଜଣକୁ ସନ୍ଥ ଭାବେ କାହିଁକି ଭକ୍ତି ଓ ସମ୍ମାନ କରୁଛନ୍ତି ? ସେଥିପାଇଁ ବିଶପ୍ ସେହି ଦ୍ୱୀପକୁ ଯାଇ ସେମାନଙ୍କୁ ଭେଟିବା ପାଇଁ ଇଛାକଲେ । ମୁଖ୍ୟ ବିଶପ୍ ନୌକାରେ ବସି ସେହି କ୍ଷୁଦ୍ର ଦ୍ୱୀପ ଅଭିମୁଖେ ଯାତ୍ରା କଲେ । ସନ୍ୟାସୀ ତିନିହେଁ ଖୁବ୍ ସାଦାସିଧା, ସରଳ, ଗାଉଁଲି ଭଳି ଦିଶୁଥିଲେ । ନୌକାଟି କୂଳରେ ଲାଗିଲା । ଦେଖିବା ମାତ୍ରେ ତିନିଜଣ ସନ୍ୟାସୀ ବିଶପ୍‌ଙ୍କ ପାଦ ଛୁଇଁ ପ୍ରଣାମ କଲେ । ବିଶପ୍ ସେମାନଙ୍କୁ ଆଶୀର୍ବାଦ କଲେ । କହିଲେ- ମୁଁ ଶୁଣିଛି, ଆପଣ ମାନେ ନିଜ ନିଜ ଆତ୍ମାର ମୋକ୍ଷାର୍ଥେ ତଥା ସଂସାରର ମଙ୍ଗଳ କାମନା କରି ଯୀଶୁଖ୍ରୀଷ୍ଟଙ୍କୁ ପ୍ରତ୍ୟହ ପ୍ରାର୍ଥନା କରୁଛନ୍ତି । ମୁଁ ହେଉଛି ଯୀଶୁଖ୍ରୀଷ୍ଟଙ୍କର ଜଣେ ଦାସ, ଆପଣମାନେ ଈଶ୍ୱରଙ୍କ ଦାସ ଓ ଭକ୍ତ, ଆପଣମାନଙ୍କୁ ଦେଖିବା ପାଇଁ ମୁଁ ଆସିଛି ଏବଂ ଯୀଶୁଙ୍କ ବିଷୟରେ କିଛି କହିବାକୁ ଇଚ୍ଛା କରୁଛି । ବିଶପ୍ ପଚାରିଲେ- ନିଜ ନିଜ ଆତ୍ମାର ମୋକ୍ଷ ନିମନ୍ତେ ଆପଣମାନେ କ'ଣ କରୁଛନ୍ତି ? ଏଠାରେ ରହି ଈଶ୍ୱରଙ୍କ ସେବା କିପରି କରୁଛନ୍ତି ? ଦୟାକରି ଜଣାନ୍ତୁ, ବୟୋଜ୍ୟୋଷ୍ଠ ସନ୍ୟାସୀ ଟିକିଏ ହସି କହିଲେ-ଈଶ୍ୱରଙ୍କ ସେବା କିପରି କରିବାକୁ ହେବ ଆମେ ତାହା ଜାଣିନାହୁଁ । ଈଶ୍ୱରଙ୍କ ଦାସ ହିସାବରେ ଆମେ ନିଜ କର୍ମ କରି ବଂଚି ରହିଛୁ । ସେମାନେ ନିରକ୍ଷର । ବାଇବେଲ ପଢିବା ପ୍ରଶ୍ନ ନାହିଁ । ଆମେ ଶୁଣିଛୁ ପରମାତ୍ମା ହେଲେ ତ୍ରିମୂର୍ତି, ପରମ ପିତା(**Father**), ତାଙ୍କ ପୁତ୍ର (**The Son**) ପବିତ୍ର ଆତ୍ମା (**Holy Ghost**) । ତେଣୁ ଆମେ ପ୍ରାର୍ଥନା କରୁ-ତୁମେ ତିନି ଜଣ, ଆମେ ତିନି ଜଣ- ଆମ ଉପରେ କୃପା କର ।'



# ଜଗତସିଂହପୁର ଜିଲ୍ଲାରେ ବାତ୍ୟା 'ଦାନା'ର ପ୍ରଭାବ

ଜଗତସିଂହପୁର(ନିପ୍ର) : ସାମୁଦ୍ରିକ ବାତ୍ୟା' ଦାନା 'ପ୍ରଭାବ ରେ ଜିଲ୍ଲା ରେ ପବନ ଓ ବର୍ଷା ଗତକାଲି ଠାରୁ ଲାଗିରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଇଛି । ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ (୦୬୭୨୪-୨୨୦୩୬୮) ଖୋଲା ଯାଇଛି । ଜିଲ୍ଲା ରେ ବାତ୍ୟା ଦାନାର ପ୍ରଭାବରେ ସେପରି କୌଣସି କ୍ଷୟ କ୍ଷତି ହୋଇନାହିଁ । ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲା ରେ କାଲି ରାତି ସୁଦ୍ଧା ୪୧୧୬୭ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ସେମାନଙ୍କୁ ସକାଳେ ଶୁଖିଲା ଖାଦ୍ୟ ଦିଆଯିବା ସହ ମଧ୍ୟାହ୍ନ ଭୋଜନ ଓ ରତିରେ ରନ୍ଧା ଖାଦ୍ୟ ଦିଆଯାଇଥିଲା । ଆଭାସୀ ମାଧମରେ ବି.ଡି.ଓ ଓ ତହସିଲଦାର ମାନଙ୍କ ସହିତ ସ୍ଥାନାନ୍ତରିତ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଜିଲ୍ଲାପାଳ କାଲି ଆଲୋଚନା କରିଥିଲେ । ଯେଉଁମାନଙ୍କର କଚ୍ଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ମାନଙ୍କ ଟିମ୍ ଅଂଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ବାତ୍ୟାର ପ୍ରଭାବ କମିଯାଇ ଥିବାରୁ ସ୍ଥାନାନ୍ତରିତ ଲୋକ ମାନେ ନିଜ ନିଜ ଘରକୁ ଫେରି ଯାଇଛନ୍ତି । ଜିଲ୍ଲାରେ ନଳକୂପ କାର୍ଯ୍ୟକ୍ଷମ ଅଛି । ୫୦୦୦ ଲିଟର ୨୯ ଟି ଟ୍ୟାଙ୍କର ମଧ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଇ ଥିଲା । ଜିଲ୍ଲାର ପାଇପ ୱାଟର ସପ୍ଲାଏ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଅଛି । ସମସ୍ତ ବ୍ଲକ୍ ପାଖରେ ଡିଜି ସେଟ୍ ପାୱାର ବ୍ୟାକ ଅପ ପାଇଁ ମହଜୁଦ ରହିଥିଲା । ୨୫ ତାରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୮ ଟି ବ୍ଲକ୍ ୨ ଟି ମ୍ୟୁନିସପାଲିଟି ର ୧୯୨ ଆଶ୍ରୟସ୍ଥଳ ର ୪୧୧୬୭ ପ୍ରଭାବିତ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି । କୌଣସି ଲୋକ ମୃତାହତ ହୋଇ ନଥିବା ବେଳେ ପାରାଦ୍ୱୀପ ପୌରାଂଚଳ ଓ କୁଜଙ୍ଗ ରେ କିଛି ସ୍ଥାନରେ ଭାଙ୍ଗି ଯାଇଥିବା ଗଛ ଓଡରଫ ଏନଡିଆରଏଫ ଅଗ୍ନିଶମ ବିଭାଗ ଦ୍ୱାରା କାଟି ରାସ୍ତା ପରିଷ୍କାର କରଯାଇଛି । କୌଣସି ଗୋରୁ ଗାଈ ପ୍ରଭାବିତ ହୋଇଥି ନ ଥିବାବେଳେ ସେମାନଙ୍କ ବାତ୍ୟା ପ୍ରଭାବରେ ଘର ମଧ କ୍ଷତିଗ୍ରସ୍ତ ହୋଇ ନ ଥିବାର ସୂଚନା ମିଳିଛି । ଆଜି ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୪୦ କୁଇଂଟାଲ୍ ଚୂଡ଼ା, ୧ କୁଇଂଟାଲ ଗୁଡ଼, ବଂଟନ କରାଯାଇଛି । ଜିଲ୍ଲାରେ ୨୦ ଟି ମେଡିକାଲ ଟିମ୍ ଓ ୨୪ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଂଚଳ ପାଇଁ ନିୟୋଜିତ ହୋଇଥିଲେ । ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷାର ପରିମାଣ ୧୦୮.୨ ମିମି ରହିଥିଲା । ପାରାଦ୍ୱୀପ ପୌରାଂଚଳରେ ସର୍ବାଧିକ ୪୮.୨ ମି.ମି., ହୋଇଥିବେଳେ ସବୁଠୁ କମ୍ ନାଉଗାଁ ବ୍ଲକ୍ ରେ ୩ ମି.ମି., ବର୍ଷା ହୋଇଛି । ଜିଲ୍ଲାର ହାରାହାରି ବର୍ଷା ୧୨.୦୨ ମି.ମି., ରହିଛି । ଅପରାହ୍ନ ୩ ଟା ସୁଦ୍ଧା ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ ଆସନ୍ତା କାଲି ସକାଳ ୮.୩୦ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ୟେଲୋ ୱାରନିଂ ରହିଛି । ଫଳରେ ଅଳ୍ପ ବର୍ଷା ହେବାର ସମ୍ଭାବନା ରହିଛି ।

# ୩୪୦୦୦ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳରେ ଥଇଥାନ

ବାରିପଦା(ନିପ୍ର) : ବାତ୍ୟା ଦାନାର ପ୍ରଭାବରେ ମୟୁରଭଞ୍ଜର ବିଭିନ୍ନ ସ୍ଥାନରେ କୋହଲା ପାଗ ସହ ଝିପି ଝିପି ବର୍ଷା ଆରମ୍ଭ ହୋଇ ଯାଇଥିବା ବେଳେ ଅପରାହ୍ନରୁ ବର୍ଷା ଏବଂ ପବନର ବେଗ ବଢ଼ିବ ବୋଲି କୁହାଯାଉଛି । ମୟୁରଭଞ୍ଜ ଜିଲ୍ଲା ରେଡ ଅଲର୍ଟରେ ଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଛି । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ମୟୁରଭଞ୍ଜ ଜିଲ୍ଲା ଦାୟିତ୍ୱରେ ଥିବା ବେଳେ, ମୟୁରଭଞ୍ଜର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ମନ୍ତ୍ରୀ ବାତ୍ୟା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ସହ ଲୋକଙ୍କ ସମସ୍ୟା ବୁଝିଛନ୍ତି । ବାରିପଦାର ଛଂଚ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ, ମଧୁବନ ବାତ୍ୟା ଆଶ୍ରୟ ସ୍ଥଳୀ, ବଡ଼ସାହି ବ୍ଲକ ଶାଳଗାଁ ବାତ୍ୟା ଆଶ୍ରୟ ସ୍ଥଳୀ, ଶୋରିଷ କଠା ବାତ୍ୟା ଆଶ୍ରୟ ସ୍ଥଳୀ ଆଦିସ୍ଥାନ ବୁଲି ସ୍ଥିତି ଯାଂଚ କରିଛନ୍ତି ମନ୍ତ୍ରୀ ମୟୁରଭଞ୍ଜ ରେ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି ହୋଇଥିବା ବେଳେ, ଜିରୋ କାଜୁଆଲିଟି ଉପରେ ଫୋକସ କରାଯାଉଥିବାର ମନ୍ତ୍ରୀ ପ୍ରତିକ୍ରିୟାରେ କହିଛନ୍ତି । ତେବେ ଜିଲ୍ଲା ପ୍ରଶାସନର ସୂଚନା ମୁତାବକ ଅପରାହ୍ନ ଗୋଟାଏ ସୁଦ୍ଧା ଜିଲ୍ଲାରେ ୩୪୦୦୦ ଜଣଙ୍କ ଉଦ୍ଧାର କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ, ୪୫୦ଟି ବାତ୍ୟା ବନ୍ୟା ଆଶ୍ରୟ ସ୍ଥଳରେ ଥଇଥାନ କରାଯାଇଛି । ସେମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟର ବନ୍ଦବୋସ୍ତ କରାଯାଇଛି । କେବଳ ବାରିପଦା ମ୍ୟୁନିସିପାଲିଟି ଅଂଚଳରେ ୧୧୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଉଦ୍ଧାର କରାଯାଇ ୨୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଓ ୩ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ, ପୂର୍ତ ବିଭାଗ ଟିମ, ଅଗ୍ନିଶମ ସେବା ଟିମ, ଟିପିଏନଓଡ଼ିଏଲ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ମଚାରୀ ମାନେ ନିୟୋଜିତ ହୋଇ ତ୍ୱରିତ ପଦକ୍ଷେପ ସ୍ୱରୂପ ଗଛ କଟାଯାଇ ତୁରନ୍ତ ରାସ୍ତା ସଫା କରି ଯାତାୟତ ସ୍ୱାଭାବିକ କରାଯିବା ପାଇଁ ପ୍ରସ୍ତୁତ ରହିଛନ୍ତ । ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ହୋଇଥିବା ବାତ୍ୟା ପର୍ଯ୍ୟବେକ୍ଷକ ମୟୁରଭଞ୍ଜର ପୂର୍ବତନ ଜିଲ୍ଲାପାଳ ତଥା ବରିଷ୍ଠ ଆଇଏଏସ ଅଧିକାରୀ ବିନୀତ ଭରଦ୍ୱାଜ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଅଂଚଳ ବୁଲି ଉଦ୍ଧାର କାର୍ଯ୍ୟ ଏବଂ ପ୍ରସ୍ତୁତି ସମୀକ୍ଷା କରିଛନ୍ତି ।

# ସାଂସଦ ପ୍ରତିନିଧି ଚୟନ କଲେ ସାଂସଦ

କନ୍ଧମାଳ(ହିସ) : ଲୋକସଭା ନିର୍ବାଚନରେ କନ୍ଧମାଳ ବିଜୟ ଲାଭ କରିବା ପରେ ନିର୍ବାଚନ ମଣ୍ଡଳୀର ବାଲିଗୁଡ଼ା ବ୍ଲକ୍ ସାଂସଦ ପ୍ରତିନିଧି ଚୟନ କରିଛନ୍ତି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ । ବାଲିଗୁଡା ନିର୍ବାଚନ ମଣ୍ଡଳୀର ବାଲିଗୁଡ଼ା ବ୍ଲକ ସାଂସଦ ପ୍ରତିନିଧି ଭାବରେ ରଞ୍ଜିତ କୁମାର ସାହୁ ମନୋନୀତ ହୋଇଥିବା ଜଣାପଡ଼ିଛି । ସାଂସଦଙ୍କ ପ୍ରତିନିଧି ରୂପେ ଚୟନ ହେବା ପରେ ଆଗାମୀ ଦିନରେ ସାଂସଦ ଯାହା ଦାୟିତ୍ୱ ଦେବେ ତାକୁ ମୁଁ ସୁଚାରୁ ରୂପେ ତୁଲାଇବା ସହ ଦଳକୁ ସଂଗଠନ କରିବି ଏବଂ ବାଲିଗୁଡ଼ା ଅଂଚଳର ବିକାଶ ପାଇଁ ପ୍ରୟାସ ଜାରି ରଖିବି ବୋଲି କହିଛନ୍ତି ରଞ୍ଜିତ କୁମାର ସାହୁ । ଚୟନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝି, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ସଭାପତି ଜଗନ୍ନାଥ ସାହୁଙ୍କ ସମେତ ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେପଟେ କନ୍ଧମାଳ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁଙ୍କ ସମେତ ବାଲିଗୁଡ଼ା ଅଂଚଳର ସମସ୍ତ ନେତୃବୃନ୍ଦ ଓ କର୍ମୀ ରଞ୍ଜିତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ବାତ୍ୟା ଭିତରେ ଝାଉଁ କାଠ ଚୋରି, ଚମ୍ପଟ ମାରିଲେ କାଠ ମାଫିଆ

ବାଲିଆପାଳ(ନିପ୍ର) : ବାତ୍ୟା ଦାନା କୁ ଖାତିର ନ କରି କାଠ ଚୋରିରେ ବ୍ୟସ୍ତ କାଠ ବେପାରୀ । ବନ ବିଭାଗକୁ ଦେଖି ଚମ୍ପଟ ମାରିଲେ କାଠ ମାଫିଆ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଦାନା ଗତକାଲି ମଧ୍ୟରାତ୍ରି ରେ ସ୍ଥଳଭାଗ ଛୁଇଁଛି ,ଏହି ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବା ସହିତ ପ୍ରବଳ ବର୍ଷା ସାଙ୍ଗକୁ ୧୧୦ ରୁ ୧୨୦ କିଲୋମିଟର ବେଗରେ ପବନ ବହିଥିଲା, ଏହାକୁ ଦୃଷ୍ଟିରେ ରଖି କୌଣସି ଅଘଟଣ ନଘଟିବା ପାଇଁ ରାଜ୍ୟ ସରକାର, ପ୍ରଶାସନିକ ଅଧିକାରୀ ତତ୍ପରତା ଦେଖାଇଥିଲେ, ସମୁଦ୍ର କୁଳିଆ ଲୋକଙ୍କ ସହିତ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ଆଶ୍ରୟସ୍ଥଳୀ ମାନଙ୍କରେ ଆଶ୍ରୟ ନେବାପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା । ପବନର ବେଗ ବଢୁଥିବାରୁ ଗୁରୁବାର ରାତି ଅର୍ଥାତ୍ ବାତ୍ୟା ସ୍ଥଳଭାଗ ଛୁଇଁବା ରାତିରେ କେହି ବାହାରକୁ ନ ବାହାରିବା ପାଇଁ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରା ଯାଇଥିଲା । ମାତ୍ରା



ଏହାକୁ ଖାତିର ନକରି କିଛି ଅମାନିଆ କାଠ ମାଫିଆ ବାଲିଆପାଳ ବ୍ଲକର ଚଉମୁଖ ବେଳାଭୂମିରେ ଥିବା ଝାଉଁ ଜଙ୍ଗଲ ରୁ ଗୁରୁବାର ରାତିରେ ଝାଉଁ ଗଛ କାଟିବାରେ ଲାଗିଥିଲେ । ଲଙ୍ଗଳେଶ୍ୱର ବନ ବିଭାଗର ଏକ ଟିମ ପେଟ୍ରୋଲିଂ କରୁଥିବା ବେଳେ ଖବର ପାଇ ସେଠାରେ ପହଂଚି ଥିଲେ । ମାତ୍ର ବନ ବିଭାଗ ଅଧିକାରୀମାନେ ପହଂଂଚିବା ଦେଖି କାଠ ମାଫିଆ ମାନେ ସେଠାରୁ କଟା ଝାଉଁ କାଠକୁ ଛାଡି ଚମ୍ପଟ ମାରିଥିଲେ । ପରେ ବନ ବିଭାଗ କଟା ହୋଇ ପଡ଼ିଥିବା ଝାଉଁ ଗଛକୁ ଏକ ଇଞ୍ଜିନ ଚାଳିତ ରିକ୍ସାରେ ବୋଝେଇ କରି ଡଗରା ଫରେଷ୍ଟ ଅଫିସକୁ ନେଇଥିବା କଥା ଫରେଷ୍ଟ ଗାର୍ଡ ହୃଷିକେଶ ପ୍ରଧାନ କହିଛନ୍ତି ।

# ବାତ୍ୟା କମିବା ସତ୍ତ୍ୱେ ଲୋକଙ୍କ ଦୁର୍ଦ୍ଦଶା ଥମୁ ନାହିଁ

ଲଙ୍ଗଳେଶ୍ୱର(ନିପ୍ର) : ବାଲିଆପାଳରେ ବାତ୍ୟା ଦାନା କମି ଯାଇଛି କହିଲେ ଚଳେ । ମାତ୍ର ଦିନ ତମାମ ଝିପି ଝିପି ବର୍ଷା ଲାଗି ରହିଛି । ବାତ୍ୟାରେ ଚୌମୁଖ ଓ ବଳରାମପୁର ଠାରେ କେତୋଟି ଗଛ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି । ତେବେ ବାତ୍ୟା ଥମି ଥିଲେ ବି ଲୋକଙ୍କ ଦୁର୍ଦ୍ଦଶା କମି ନାହିଁ । ଭୟ ଓ ଆଶଙ୍କା ଆଜି ବି ଲୋକଙ୍କ ମନରୁ ଯାଇ ନାହିଁ । ଅବଶ୍ୟ ଅନେକ ଲୋକ ଆଜି ବାତ୍ୟା ଆଶ୍ରୟ ସ୍ଥଳୀରୁ ଯେ ଯାହା ଘରକୁ ଫେରିବା ଆରମ୍ଭ କରିଛନ୍ତି । ପ୍ରଶାସନ ତରଫରୁ ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ଲୋକ ମାନଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ଦେବାର ବ୍ୟବସ୍ଥା ହୋଇଛି । ବାତ୍ୟା ଯୋଗୁଁ ଚାଷୀଙ୍କ ଗୃହ ପାଳିତ ପଶୁ ପକ୍ଷୀ ସମସ୍ୟାରେ ରହିଛନ୍ତି । ସେମାନଙ୍କ ପାଇଁ



ଖାଦ୍ୟର ବିଶେଷ କିଛି ବ୍ୟବସ୍ଥା କରାଯାଇ ନାହିଁ । ଚଳିତ ଦାନା ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇ ଛନ୍ତି ଚାଷୀକୁଳ । ଶାରଦ ଧାନ ଚାଷରେ ଧାନ ଗଛର କେଣ୍ଡା ଗୁଡିକ ବର୍ଷା ମାଡ଼ରେ ନଷ୍ଟ ହୋଇଛି । ପୂର୍ବରୁ ବନ୍ୟା ଯୋଗୁଁ ଧାନ ଚାଷ କ୍ଷତି ଗ୍ରସ୍ତ ହୋଇ ଥିଲା । ବନ୍ୟା ପରେ ବାତ୍ୟା ମାଡ଼ ଚାଷୀଙ୍କୁ ଏବେ ସର୍ବସ୍ୱାନ୍ତ କରିଛି କହିଲେ ଚଳେ । ଷୋଳସା, କାଳନ୍ଦା, ଚନ୍ଦମଣୀ, ମଧୁପୁରା, ବାଲିକୁଟୀ' ଚୌମୁଖ ଆଦି ପାଣ୍ଡ ଜମିରେ ଏବେ ଫୁଟେ ଦୁଇ ଫୁଟ ପାଣି ଜମି ରହିଛି । ବହୁ ଜମିରେ ଧାନ ଗଛ ଶୋଇ ଯାଇଛି । ପାନ ବରଜ ମଧ କ୍ଷତିଗ୍ରସ୍ତ ହୋଇଛି । ବହୁ ବରଜ ଭାଙ୍ଗି ରୁଜି ଯାଇଛି । ପରିବା ଚାଷ ଆଉ ଏ ଅଂଚଳରେ ନାହିଁ କହିଲେ ଚଳେ । ଅନ୍ୟ ପକ୍ଷରେ ଲୁଣା ଜୁଆର ଯୋଗୁଁ ସମୁଦ୍ର କୂଳ ଚାଷ ନଷ୍ଟ ହୋଇଛି । ଡଗରା, ଚୌମୁଖ, ବେତ ଗଡିଆ, ନୂଆଗାଁ, ଅଳାଡିହା, ଜାମ୍ବୀରାଇ ଆଦି ଉପକୂଳ ଚାଷ ଜମିକୁ ଲୁଣା ଜୁଆର ମାଡି ଆସି ଥିବାରୁ ଚାଷ ନଷ୍ଟ ହେବ ବୋଲି ଲୋକେ ଆକଳନ କରିଛନ୍ତି । ବନ୍ୟା କ୍ଷତି ପୂରଣ ଅଦ୍ୟାବଧି ଭରଣା ହୋଇ ନ ଥିବା ବେଳେ ଏବେ ବାତ୍ୟା କ୍ଷତି ଯୋଗୁଁ ଲୋକଙ୍କ ମୁଣ୍ଡରେ ଚଡକ ପଡିଛି । ରବି ଚାଷ ପାଇଁ ଚାଷୀଙ୍କୁ ମାଗଣା ରେ ବିହନ, ସାର, ଔଷଧ ଯୋଗାଇ ଦେବାକୁ ଚାଷୀ ଶରତ ପ୍ରଧାନ, ଅନନ୍ତ କୁମାର ରାଉତ, ଅନନ୍ତ କୁମାର ଜେନା, ହାଟୁଆ ବାରିକ, ମନ୍ମଥ କୁମାର ପାତ୍ର ପ୍ରମୁଖ ଦୃଢ଼ ଦାବି କରିଛନ୍ତି । ତେବେ ଉଭୟେ ବନ୍ୟା ଓ ବାତ୍ୟା କ୍ଷତି ପୂରଣ ଲୋକଙ୍କୁ ଖୁବ ଶୀଘ୍ର ପ୍ରଦାନ କରାଯିବ ବୋଲି ଗତ କାଲି ପଂଚାୟତ ରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲିଆପାଳ ଗସ୍ତ ସମୟରେ କହିଥିଲେ । ତେବେ ଏହା କେବେ ପୂରଣ ହେଉଛି ଦେଖିବାକୁ ବାକି ରହିଲା ।

# ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଲେ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ



କେନ୍ଦୁଝର(ନିପ୍ର) : ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଆ ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଂଟିଆ ଶୁକ୍ରବାର ଦିନ କେନ୍ଦୁଝରର ଜିଲ୍ଲା ଗସ୍ତରେ ଆସି ଦାନା ବାତ୍ୟା ପାଇଁ କରାଯାଇ ଥିବା ତୁରୁମୁଙ୍ଗା ର ନିନୁଆଁ, ସରଧାପୁର, ବୋଦାପଳସା, ପଦ୍ମପୁର, ନେଲୁଙ୍ଗ, ଝୁମ୍ପୁରା ଅଂଚଳରେ ଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଲୋକଙ୍କ ସହିତ କଥା ହୋଇ ସୁବିଧା ଅସୁବିଧା ବୁଝିଥିଲେ । ପରେ କେନ୍ଦୁଝର ସ୍ଥିତ ସର୍କିଟ ହାଉସ ରେ ଗଣମାଧମ କୁ ସୂଚନା ଦେଇ କହିଥିଲେ ଭିତର କନିକାରେ ବାତ୍ୟା ଦାନା ସ୍ଥଳ ଭାଗ ଛୁଇଁବା ସମୟରେ ଭିତରକନିକାରେ ଜୀବଜନ୍ତୁ ତଥା କୌଣସି ଜୀବନ ନଷ୍ଟ ହୋଇନ ଥିବା ବେଳେ କିଛି ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ଅଳ୍ପ କିଛିସ୍ଥାନରେ ପାଣି ଜମି ରହିଥିବା କଥା କହିଥିଲେ ମନ୍ତ୍ରୀ । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବାତ୍ୟା ପରବର୍ତୀ ସମୟରେ ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟରେ ତତ୍ପର ଥିବା ମନ୍ତ୍ରୀ କହିଛନ୍ତି । କେନ୍ଦୁଝର ଜିଲ୍ଲାର କୋଣସି ସ୍ଥାନରେ ଜନ ଜୀବନ କ୍ଷୟକ୍ଷତି ହୋଇନଥିବା ମନ୍ତ୍ରୀ କହିଛନ୍ତି । ଅସ୍ଥାୟୀ ଆଶ୍ରୟସ୍ଥଳୀ ବୁଲିବା ସମୟରେ ତାଙ୍କ ସହିତ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଡି.ଏଫ୍ ଓ ଧନରାଜ୍ ଏଚ୍ ଡି ଉପସ୍ଥିତ ଥିଲେ ।

# ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପ୍ରଶାସନ

କେନ୍ଦୁଝର(ନିପ୍ର) : ବାତ୍ୟା ଦାନା ଦ୍ୱାରା ପ୍ରଭାବିତ ହେବାକୁ ଆଶଙ୍କା ଥିବା ଅଂଚଳ ଓ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିନ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ଗୁରୁବାର ଦିନ ତମାମ ସେସବୁ ଅଂଚଳର ପ୍ରତିଷେଧକ ମୂଳକ ବ୍ୟବସ୍ଥାର ନିରୀକ୍ଷଣ ଜାରି ରଖିଥିଲେ । ରାଜ୍ୟ ସରକାରଙ୍କ ଶୂନ୍ୟ ମୃତାହତର ଲକ୍ଷ୍ୟକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଂଟା ଭିଡିଛି । ପ୍ରଶାସନିକ ଅଧିକାରୀ ମାନେ ପ୍ରଭାବିତ ହେବାର ଆଶଙ୍କା ଥିବା ଅଂଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଅହରହ ଲାଗିଛନ୍ତି । ବୁଧବାର ରାତିରୁ ଏଯାଏଁ ବରିଷ୍ଠ ଆଇଏଏସ ତଥା କେନ୍ଦୁଝର ଜିଲ୍ଲାରେ ପୂର୍ବରୁ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବା ଏନ ଥିରୁମାଲା ନାଏକ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଓ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଘନ ଘନ ଅଂଚଳ ପରିଦର୍ଶନ କରି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ସେଠାରେ ଉପଲବ୍ଧ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ତଦାରଖ କରିଛନ୍ତି । ପ୍ରଶାସନ ତରଫରୁ ତଳିଆ ଓ ପ୍ରଭାବିତ ହେବାର ଆଶଙ୍କା ଥିବା ଅଂଚଳର ୫୯୭୦ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଭାବେ ସ୍କୁଲ ଓ ସରକାରୀ କାର୍ଯ୍ୟାଳୟରେ ଖୋଲା ଯାଇଥିବା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ରାତି ସୁଦ୍ଧା ଆହୁରି ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖା ଯାଇଛି । ସମସ୍ତଙ୍କୁ ରନ୍ଧା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଆଜି ୫ ଟା ସୁଦ୍ଧା ଜିଲ୍ଲାରେ ବର୍ଷାର ପରିମାଣ ୫.୪ ମିମି ରହିଥିବା ରେକର୍ଡ କରାଯାଇଛି । ଭାରତୀୟ ପାଣିପାଗ ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲାରେ ୨୫ ତାରିଖ ରେଡ ୱାର୍ଣିଂ ଜାରି କରାଯାଇଥିବାରୁ ଆସନ୍ତାକାଲି ଅଧିକ ବର୍ଷା ହେବାର ଆଶଂକା କରାଯାଉଛି । ଗୃହପାଳିତ ପଶୁ ମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆନନ୍ଦପୁର ଠାରେ ଗୋଟେ ଏବଂ ହାଟଡିହିଠାରେ ୩ଟା ଆଶ୍ରୟସ୍ଥଳୀ ଖୋଲା ଯାଇଛି । ଏଯାବତ ୧୦୪ ଗୋରୁଗାଈଙ୍କୁ ରଖା ଯାଇ ଗୋଖାଦ୍ୟ ପ୍ରଦାନ କରାଯାଇଛି । ଆସନ୍ନ ପ୍ରସବା ମହିଳାଙ୍କୁ ସୁରକ୍ଷିତ ଭାବେ ମା' ଗୃହକୁ ସ୍ଥାନାନ୍ତରଣ କରାଯାଇ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି । ବାତ୍ୟା ଏବଂ ପରବର୍ତୀ ସମୟରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଧାରକାରୀ ଦଳ ସମ୍ପୂର୍ଣ ସଜାଗ ରହିଛନ୍ତି । ସ୍ଥାନାନ୍ତର ହୋଇଥିବା ଲୋକଙ୍କ ସଂଖ୍ୟା ଏଯାବତ ଅଫିସିଆଲି ୫୯୭୦ ରାତି ସୁଦ୍ଧା ଶତପ୍ରତିଶତ ହେବାର ଲକ୍ଷ୍ୟ ରଖାଯାଇଛି । ଗୋଟିଏ ଓଡ୍ରାଫ ଟିମ ମଧ ମୁତୟନ ହୋଇଛନ୍ତି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ(ନିପ୍ର) : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବଣିଆଁ ହାଇସ୍କୁଲ, ବଣିଆ, ଭଦ୍ରକ ଠାରେ ଏକ ନିଶା ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିକ୍ରମ କେଶରୀ ଦାସ, ସଂପାଦକ, ନିୟୁଲାଇଫ୍ ୱେଲନେସ୍ ଟ୍ରଷ୍ଟ, ହଳଦିଡ଼ିହ, ବାଇପାସ, ଭଦ୍ରକ, ବନମାଳୀ ଜେନା, ମେମ୍ବର, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼, ଭଦ୍ରକ, ସୁବ୍ରତ କୁମାର ଦାସ, ଲିଗାଲ ପ୍ରୋବେସନ୍ ଅଫିସର, ଭଦ୍ରକ, ମୋଜାହିଦ୍ ଅଖତର୍ ଖାନ୍, ଡ଼େପୁଟି ଏଲ୍.ଏ.ଡ଼ି.ସି.ଏସ୍, ଭଦ୍ରକ ଶ୍ରୀକାନ୍ତ କୁମାର ଜେନା, ଶିକ୍ଷକ ଭଦ୍ରକ, ତୃପ୍ତିରାଣୀ ଦାସ, ଶିକ୍ଷୟିତ୍ରୀ ବଣିଆ ହାଇସ୍କୁଲ, ସଂଗ୍ରାମ ପଟ୍ଟନାୟକ, ଇନ୍‌ସ୍ପେକ୍ଟର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ସଂଗେ ସଂଗେ ଉତମ ଚରିତ୍ର ଗଠନ ତଥା ନିଶାମୁକ୍ତ ସମାଜ ଗଠନରେ ସହାୟକ ହେବାକୁ ଆହ୍ୱାନ କରିଥିଲେ ।

ଏଡ୍‌ଲାଇଫ ଫିଜିଓଥେରାପି
ଏବଂ
ରିହାବିଲିଟେସନ୍ ସେଣ୍ଟର୍
ଗୋପାଳଗାଁ, ବାଲେଶ୍ୱର
ଏଠାରେ ସମସ୍ତ ପ୍ରକାର ଗଣ୍ଠିବ୍ୟଥା ଏବଂ ପାରାଲିସିସ୍‌ର ସଫଳ ଉପଚାର କରାଯାଏ ।
ଡ଼ଃ ଜ୍ୟୋତିର୍ମୟ ଚୌଧୁରୀ
M.P.T (Apollo, Hyderbad)
ବିଦ୍ର ଏଠାରେ ରୋଗୀ ରହିବାର ବ୍ୟବସ୍ଥା ଅଛି
Mob : 7735147178

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by : Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer : ADMISSION OPEN : 2024-25
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 Years Diploma Course Eligibility : +2 Arts/ Science/ Commerce
A.N.M. 2 Years Course (Mark 40% & 35% for SC/ST Students) Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
BETNOTI COLLEGE OF PHARMACY
(Approved by: Directorate of Medical Education & Training, Govt. of Odisha)
Affiliated to Odisha State Board of Pharmacy (BBSR)
Course Offer: D. Pharm (2 yrs. Diploma in Pharmacy) (Eligibility: +2 Science)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission: 8455087373, 9861373681



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଜର୍ମାନୀ ଚାନ୍ସେଲର ସ୍କୋଲ୍‌ଜ୍‌ଙ୍କ ସାକ୍ଷାତ ଆଲୋଚନା

## ଆଶା ଦିଦି ଶିବାନୀଙ୍କ କାମକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: କେନ୍ଦ୍ରାପଡା ଜିଲ୍ଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ଦିଦି ଶିବାନୀ ମଣ୍ଡଳଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ ଟେଲିଫୋନ୍ ଯୋଗେ କଥାହୋଇ ବାତ୍ୟା ସମୟରେ ମାନବିକତାର ପ୍ରକୃତ ନିଦର୍ଶନ ଦେଖାଇଥିବାରୁ ତାଙ୍କୁ ଧନ୍ୟବାଦ ଦେଇଥିଲେ ।





ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲ୍ଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ଦିଦି ଶିବାନୀ ମଣ୍ଡଳ ବାତ୍ୟା ପୂର୍ବରୁ ଖସାମୁଣ୍ଡା ଗାଁର ଲୋକମାନଙ୍କୁ ଆଶ୍ରୟସ୍ଥଳୀକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରିବାର ଦାୟିତ୍ୱ ନେଇଥିଲେ ।



# ସପ୍ତମ ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ପରାମର୍ଶ ବୈଠକରେ ଉଦଘାଟନୀ ଭାଷଣ ଦେଲେ ପ୍ରଧାନମନ୍ତ୍ରୀ


ନୂଆଦିଲ୍ଲୀ : ସପ୍ତମ ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ପରାମର୍ଶ ବୈଠକରେ ଆପଣଙ୍କୁ ଏବଂ ଆପଣଙ୍କ ପ୍ରତିନିଧି ଦଳକୁ ସ୍ୱାଗତ । ଏହା ଆପଣଙ୍କର ତୃତୀୟ ଭାରତ ଗସ୍ତ । ସୌଭାଗ୍ୟବଶତଃ ଏହା ମୋର ତୃତୀୟ କାର୍ଯ୍ୟକାଳର ପ୍ରଥମ ଆଇଜିସି ବୈଠକ । ଏକ ପ୍ରକାରରେ ଏହା ଆମ ବନ୍ଧୁତାର ଏକ ଉତ୍ସବ । ୨୦୨୨ରେ ବର୍ଲିନରେ ଅନୁଷ୍ଠିତ ଶେଷ ଆନ୍ତଃ-ସରକାରୀ ପରାମର୍ଶ ସମୟରେ ଆମେ ଦ୍ୱିପାକ୍ଷିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଥିଲୁ । ଗତ ଦୁଇ ବର୍ଷ ମଧ୍ୟରେ ଆମର ରଣନୈତିକ ଭାଗିଦାରୀର ବିଭିନ୍ନ କ୍ଷେତ୍ରରେ ଉତ୍ସାହଜନକ ଅଗ୍ରଗତି ହୋଇଛି । ପ୍ରତିରକ୍ଷା, ବୈଷୟିକ ଜ୍ଞାନକୌଶଳ, ଶକ୍ତି ଏବଂ ସବୁଜ ଓ ନିରନ୍ତର ବିକାଶ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାରସ୍ପରିକ ବିଶ୍ୱାସର ପ୍ରତୀକ ପାଲଟିଛି । ବିଶ୍ୱ ଏବେ ଉତେଜନା, ସଂଘର୍ଷ ଓ ଅନିଶ୍ଚିତତାର ସମୟ ଦେଇ ଗତି କରୁଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଶାସନ ଏବଂ ନାଭିଗେସନ୍ ର ସ୍ୱାଧୀନତାକୁ ନେଇ ମଧ୍ୟ ଗମ୍ଭୀର ଉଦ୍‌ବେଗ ପ୍ରକାଶ ପାଇଛି । ଏଭଳି ସମୟରେ ଭାରତ ଓ ଜର୍ମାନୀ ମଧ୍ୟରେ ରଣନୈତିକ ଭାଗିଦାରୀ ଏକ ମଜଭୁତ ଆଙ୍କର ଭାବେ ଉଭା ହୋଇଛି । ଏହା ଏକ କାରବାର ସମ୍ପର୍କ ନୁହେଁ; ଏହା ହେଉଛି ଦୁଇ ଦକ୍ଷ ଏବଂ ଶକ୍ତିଶାଳୀ ଗଣତନ୍ତ୍ର ମଧ୍ୟରେ ଏକ



ପରିବର୍ତନଶୀଳ ଭାଗିଦାରୀ - ଏକ ଭାଗିଦାରୀ ଯାହା ବିଶ୍ୱ ସମୁଦାୟ ଏବଂ ମାନବତା ପାଇଁ ଏକ ସ୍ଥିର, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ଯୋଗଦାନ କରୁଛି । ଏହି ପରିପ୍ରେକ୍ଷୀରେ ଗତ ସପ୍ତାହରେ ଆପଣ ଜାରି କରିଥିବା 'ଫୋକସ୍ ଅନ୍ ଇଣ୍ଡିଆ' ରଣନୀତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ମୁଁ ଖୁସି ଯେ ଆମେ ଆମର ଭାଗିଦାରୀକୁ ବିସ୍ତାର ଏବଂ ଉନ୍ନତ କରିବା ପାଇଁ ଅନେକ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛୁ । ଆମେ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟରୁ ଏକ ସମଗ୍ର ରାଷ୍ଟ୍ର ଆଭିମୁଖ୍ୟ ଆଡକୁ ଅଗ୍ରସର ହେଉଛୁ । ଉଭୟ ଦେଶର ଶିଳ୍ପ ଉଦ୍ଭାବକ ଏବଂ ଯୁବ ପ୍ରତିଭାଙ୍କୁ ସଂଯୋଗ କରୁଛନ୍ତି । ବୈଷୟିକ ଜ୍ଞାନକୌଶଳର ଗଣତାନ୍ତ୍ରିକୀକରଣ ହେଉଛି ଆମର ମିଳିତ ପ୍ରତିବଦ୍ଧତା । ଆଜି ଇନୋଭେସନ୍ ଏବଂ ଟେକ୍ନୋଲୋଜି ଉପରେ ରୋଡ୍ ମ୍ୟାପ୍ ପ୍ରକାଶ ପାଉଛି, ଯାହା ଆର୍ଟିଫିସିଆଲ ଇଂଟେଲିଜେନ୍ସ, ସେମିକଣ୍ଡକ୍ଟରଏବଂ ସ୍ୱଚ୍ଛ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆମର ସହଯୋଗକୁ ଆହୁରି ସୁଦୃଢ଼ କରିବ । ଆମେ ବର୍ତମାନ ଜର୍ମାନ ବ୍ୟବସାୟର ଏସିଆ-ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଛୁ, ଏବଂ ଖୁବ୍ ଶୀଘ୍ର, ଆମେ ସିଇଓ ଫୋରମରେ ମଧ୍ୟ ଅଂଶଗ୍ରହଣ କରିବୁ । ଏହା ଆମ ସହଯୋଗକୁ ଆହୁରି ସୁଦୃଢ଼ କରିବ । ଆମର ଅର୍ଥନୀତିରେ ବିବିଧତା ଏବଂ ବିପଦମୁକ୍ତ କରିବା ପାଇଁ ଆମର ପ୍ରୟାସ ତ୍ୱରାନ୍ୱିତ ହେବ, ଯାହା ସୁରକ୍ଷିତ, ବିଶ୍ୱସନୀୟ ଏବଂ ଉପଯୁକ୍ତ ଯୋଗାଣ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବାରେ ସାହାଯ୍ୟ କରିବ । ଜଳବାୟୁ କାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଅନୁଯାୟୀ, ଆମେ ଅକ୍ଷୟ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିଛୁ । ଆଜି ଗ୍ରୀନ୍ ହାଇଡ୍ରୋଜେନ୍ ରୋଡ୍ ମ୍ୟାପ୍ ମଧ୍ୟ ପ୍ରକାଶ ପାଇଛି । ଆମେ ଆନନ୍ଦିତ ଯେ ଭାରତ ଏବଂ ଜର୍ମାନୀ ମଧ୍ୟରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଗତିଶୀଳତା ଅଗ୍ରଗତି କରୁଛି । ଜର୍ମାନୀ ଦ୍ୱାରା ପ୍ରକାଶିତ କୁଶଳୀ ଶ୍ରମ ଗତିଶୀଳତା ରଣନୀତିକୁ ଆମେ ସ୍ୱାଗତ କରୁଛୁ । ମୁଁ ବିଶ୍ୱାସ କରେ ଯେ ଆଜିର ବୈଠକ ଆମର ଭାଗିଦାରୀକୁ ନୂତନ ଶିଖରରେ ପହଂଚାଇବ । ଏହାପରେ ମୋର ସହକର୍ମୀମାନେ ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ସହଯୋଗ କୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ଆମକୁ ଅବଗତ କରାଇବେ । ପୁଣି ଥରେ ଭାରତରେ ଆପଣଙ୍କୁ ଏବଂ ଆପଣଙ୍କ ପ୍ରତିନିଧି ଦଳକୁ ହାର୍ଦ୍ଦିକ ସ୍ୱାଗତ । ପ୍ରତ୍ୟାଖ୍ୟାନ - ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର ଆନୁମାନିକ ଅନୁବାଦ । ମୂଳ ଅଭିଭାଷଣ ହିନ୍ଦୀରେ ପ୍ରଦାନ କରାଯାଇଥିଲା ।

# ଝାଡ଼ଖଣ୍ଡ ନିର୍ବାଚନ: ବିଜେପିର ଷ୍ଟାର ପ୍ରଚାରକ ତାଲିକାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଝାଡ଼ଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଆଜି ବିଜେପି ତା'ର ଷ୍ଟାର ପ୍ରଚାର ତାଲିକା ଜାରି କରିଛି । ଏହି ୪୦ ଜଣିଆ ଷ୍ଟାର ପ୍ରଚାର ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାଁ ମଧ୍ୟ ରହିଛି । ଷ୍ଟାର ପ୍ରଚାରକ ହେବା ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ମାଝୀ ଏକଦା ଝାଡ଼ଖଣ୍ଡ ଯାଇଥିଲେ । ଏବେ ତାଙ୍କୁ ବିଜେପି ବିଧିବଦ୍ଧ ଭାବେ ଷ୍ଟାର ପ୍ରଚାରକ ତାଲିକାରେ ସାମିଲ କରିଛି । ଏହାର ଅର୍ଥ ସେ ଝାଡ଼ଖଣ୍ଡରେ ବିଜେପି ପାଇଁ ପ୍ରଚାର କରିବା ସହ ଲୋକଙ୍କୁ ଭୋଟ ମାଗିବେ । ଦଳ ଜାରି କରିଥିବା ୪୦ ଜଣିଆ ଷ୍ଟାର ପ୍ରଚାର ତାଲିକାର ୧୭ନଂ ସ୍ଥାନରେ ଶ୍ରୀ ମାଝୀଙ୍କ ନାଁ ରହିଛି । ସେହିପରି ସମ୍ବଲପୁର ଲୋକସଭା ଆସନରୁ ଜିତି କେନ୍ଦ୍ରମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ ମଧ୍ୟ ଷ୍ଟାର ପ୍ରଚାର ତାଲିକାରେ ରହିଛି । ତାଲିକାର ୧୨ ନମ୍ବର ସ୍ଥାନରେ ତାଙ୍କ ନାଁ ରହିଛି । ଓଡ଼ିଶା ସୀମାନ୍ତକୁ ଝାଡ଼ଖଣ୍ଡ ଲାଗିଛି । ଝାରଖଣ୍ଡର ସଡ଼େଇକଳା ଓ ଜାମସେଦପୁର ଭଳି ଅନେକ ଅଂଚଳରେ ଓଡ଼ିଆ ଭାଷାବାସୀ ଲୋକ ରହୁଛନ୍ତି । ସେମାନଙ୍କୁ ନିଜ ପାଖକୁ ଆଣିବା ପାଇଁ ବିଜେପି ମୋହନ ମାଝୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ରଖିଥିବା କୁହାଯାଉଛି । ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ମାଝୀଙ୍କ ବ୍ୟତୀତ ଏକାଧିକ କେନ୍ଦ୍ରମନ୍ତ୍ରୀ ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ରହିଛନ୍ତି । ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏହି ୪୦ ଜଣିଆ ତାଲିକାରେ ରହିଛନ୍ତି । ତାଲିକାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ରାଜନାଥ ସିଂହ, ନୀତୀନ ଗଡକରୀ ଓ ଶିବରାଜ ସିଂହ ଚୌହାନ ପ୍ରମୁଖ ରହିଛନ୍ତି । ଏହାବାଦ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନି, ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ,



ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ପ୍ରମୁଖ ତାଲିକାରେ ଅଛନ୍ତି । ଜେଏମଏମରୁ ଆସି ବିଜେପିରେ ମିଶି ଟିକେଟ ପାଇଥିବା ଚମ୍ପାଇ ସୋରେନ ଓ ସୀତା ସୋରେନ ମଧ୍ୟ ଦଳର ଷ୍ଟାର ପ୍ରଚାରକ ଭାବେ କାର୍ଯ୍ୟ କରିବେ । ଝାରଖଣ୍ଡର ୮୧ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ଭୋଟିଂ ନଭେମ୍ବର ୧୩ ଓ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ନଭେମ୍ବର ୨୦ ରେ ଅନୁଷ୍ଠିତ ହେବ । ନଭେମ୍ବର ୨୩ରେ ରେଜଲ୍ଟ ବାହାରିବ । ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ୨୫ ତାରିଖ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୨୯ ରହିଛି ।

# ନୂଆଦିଲ୍ଲୀ ବିଜ୍ଞାନ ଭବନ ଠାରେ ଗ୍ରାମ ପଂଚାୟତସ୍ତରୀୟ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ


ନୂଆଦିଲ୍ଲୀ : ପଂଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଓ ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଜିତେନ୍ଦ୍ର ସିଂହ ଏବଂ ପଂଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍ ପି ସିଂହ ବାଘେଲ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଗ୍ରାମ ପଂଚାୟତ ସ୍ତରୀୟ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ପଂଚାୟତିରାଜ ମନ୍ତ୍ରଣାଳୟ ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମିଳିତ ସହଯୋଗରେ ବିକଶିତ ଏହି ବ୍ୟବସ୍ଥା ତୃଣମୂଳ ସ୍ତରରେ ଜଳବାୟୁ ଜନିତ ପ୍ରସ୍ତୁତିରେ ଏକ ବଡ଼ ପଦକ୍ଷେପ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟସୂଚୀର ଏକ ଅଂଶ ଏବଂ ଏକ ସମଗ୍ର ସରକାରୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ପଂଚାୟତିରାଜ ମନ୍ତ୍ରଣାଳୟ ତୃଣମୂଳ ଶାସନରେ ପରିବର୍ତନ ଆଣିବା ପାଇଁ ବିଶେଷଜ୍ଞ ବିଭାଗଗୁଡିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି ।



ଏହି ପଦକ୍ଷେପ ଗ୍ରାମ ପଂଚାୟତଗୁଡ଼ିକୁ ପାଂଚ ଦିନିଆ ପାଣିପାଗ ପୂର୍ବାନୁମାନ ଏବଂ ଘଂଟା ପ୍ରତି ସଦ୍ୟତମ ସୂଚନା ପ୍ରଦାନ କରିବ, ଯାହାଦ୍ୱାରା ଗ୍ରାମୀଣ ଜନସାଧାରଣ କୃଷି କାର୍ଯ୍ୟକଳାପ ସମ୍ପର୍କରେ ଉତମ ଭାବରେ ଯୋଜନା କରିବା ଏବଂ ପାଣିପାଗ ସମ୍ବନ୍ଧୀୟ ବିପଦ ପାଇଁ ପ୍ରସ୍ତୁତି କରିବାରେ ସକ୍ଷମ ହୋଇପାରିବେ । କେନ୍ଦ୍ର ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଂଜନ ସିଂ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ ଯେ "ଗ୍ରାମ ପଂଚାୟତ ସ୍ତରରେ ପାଣିପାଗ ପୂର୍ବାନୁମାନ" ଭାରତୀୟ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗ୍ରାମୀଣ ଜନସଂଖ୍ୟା ପାଇଁ ସହଜ ଜୀବନଧାରଣକୁ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପଦକ୍ଷେପ ଜଳବାୟୁ ଆହ୍ୱାନର ମୁକାବିଲା କରିବା ଏବଂ କୃଷି ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାଇଁ ନିଷ୍ପତି ନେବାରେ ସୁଧାର ଆଣିବା ଦ୍ୱାରା ଗ୍ରାମୀଣ ପ୍ରଶାସନରେ ପରିବର୍ତନ ଆଣିବ ।" ଗ୍ରାମୀଣ ନାଗରିକମାନଙ୍କ ପାଖରେ ଠିକ୍ ସମୟରେ ପାଣିପାଗ ସୂଚନା ପହଂଚାଇବା, ଶେଷରେ ଜୀବିକାରେ ଉନ୍ନତି ଆଣିବା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାରେ ପଂଚାୟତିରାଜ ଅନୁଷ୍ଠାନ (ପିଆରଆଇ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଶ୍ରୀ ସିଂହ ଆଲୋକପାତ କରିଥିଲେ । ଗ୍ରାମ ପଂଚାୟତ ସ୍ତରରେ ପାଣିପାଗ ପୂର୍ବାନୁମାନ ଗ୍ରାମାଂଚଳକୁ ସଶକ୍ତ କରିବା ଏବଂ କୃଷି ଭିତିକ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ମାଇଲଖୁଂଟ ହେବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଏକ ଐତିହାସିକ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି, ଯାହା ପରିବେଶ ସୁରକ୍ଷାକୁ ଭାବନାତ୍ମକ ମୂଲ୍ୟବୋଧ ସହିତ ଯୋଡ଼ିଛି । ଏହି ପଦକ୍ଷେପ ପାଇଁ ପଂଚାୟତିରାଜ ମନ୍ତ୍ରଣାଳୟ ଏବଂ ଆଇଏମଡିର ମିଳିତ ପ୍ରୟାସକୁ ସେ ପ୍ରଶଂସା କରିବା ସହ ପାଣିପାଗ ଅନିଶ୍ଚିତତା କାରଣରୁ କୃଷକମାନଙ୍କୁ ଅଧିକ ପ୍ରଭାବଶାଳୀ ଭାବରେ ଯୋଜନା କରିବା ଏବଂ କୃଷିଜନିତ କ୍ଷୟକ୍ଷତି ହ୍ରାସ କରିବାରେ ସାହାଯ୍ୟ କରିବାର ସମ୍ଭାବନା ଉପରେ ସେ ଆଲୋକପାତ କରିଥିଲେ ।

# ଉଦ୍ୟୋଗୀମାନଙ୍କୁ ପିଏମ୍ ମୁଦ୍ରା ଯୋଜନା ଅଧୀନରେ ଦୁଇଗୁଣ ଋଣ ମିଳିବାକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ: ଦିପାବଳୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏକ ବଡ ଉପହାର ଦେଇଛନ୍ତି । ଅର୍ଥାତ୍ ଉଦ୍ୟୋଗୀମାନଙ୍କୁ ମୁଦ୍ରା ଯୋଜନା ଅଧୀନରେ ମିଳିବ ଡବଲ ଋଣ । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଉପଲବ୍ଧ ଋଣର ସୀମା ଦ୍ୱିଗୁଣିତ ହୋଇଛି ।



ବର୍ତମାନ ଆପଣ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (Pradhan Mantri MUDRA Yojana) ଅଧୀନରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ । ପୂର୍ବରୁ ଏହି ସୀମା ୧୦ ଲକ୍ଷ ଟଙ୍କା ଥିଲା, କିନ୍ତୁ ସରକାର ଏହାକୁ ଦ୍ୱିଗୁଣିତ କରିଛନ୍ତି । ଛୋଟ ଉଦ୍ୟୋଗୀଙ୍କୁ ମଜଭୁତ କରିବା ଏବଂ ଦେଶରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଏହି ନିଷ୍ପତି ନିଆଯାଇଛି । ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ ଏହି ପଦକ୍ଷେପ ମୁଦ୍ରା ଯୋଜନାର ଉଦ୍ଦେଶ୍ୟକୁ ଅଧିକ ପ୍ରଭାବଶାଳୀ ଭାବେ ପୂରଣ କରିବ । ଏହି ନିଷ୍ପତି ଛୋଟ ବ୍ୟବସାୟୀମାନଙ୍କୁ ସେମାନଙ୍କର ବ୍ୟବସାୟକୁ ବିସ୍ତାର କରିବାରେ ଏବଂ ନୂତନ ସୁଯୋଗର ଲାଭ ଉଠାଇବାରେ ସାହାଯ୍ୟ କରିବ । ଏହା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଦେଶର ଅର୍ଥନୀତିକୁ ମଜଭୁତ କରିବାରେ ସାହାଯ୍ୟ କରିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରୁଥିବାବେଳେ ଜୁଲାଇ ୨୩, ୨୦୨୪ ରେ ଘୋଷଣା କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅନୁଯାୟୀ ଦିଆଯାଉଥିବା ୧୦ ଲକ୍ଷ ଟଙ୍କାର ଋଣ ସୀମା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ । ବର୍ତମାନ ଏହି ଘୋଷଣା କାର୍ଯ୍ୟକାରୀ ହୋଇଛି । ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଏହି ସୀମା ବୃଦ୍ଧି ମୁଦ୍ରା ଯୋଜନାର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ଏବଂ ଏହିପରି ନୂତନ ଉଦ୍ୟୋଗୀ ଯେଉଁମାନେ ପାଣ୍ଠି ଆବଶ୍ୟକ କରନ୍ତି ସେମାନେ ବର୍ତମାନ ସେମାନଙ୍କର ବ୍ୟବସାୟର ଅଭିବୃଦ୍ଧି ଏବଂ ବିସ୍ତାର ପାଇଁ ଅଧିକ ପାଣ୍ଠି ଯୋଗାଇବାରେ ସକ୍ଷମ ହେବେ ।

# ସୁପ୍ରିମକୋର୍ଟର ପରବର୍ତୀ ପ୍ରଧାନ ବିଚାରପତି ହେବେ ଜଷ୍ଟିସ ସଞ୍ଜୀବ ଖାନ୍ନା

ନୂଆଦିଲ୍ଲୀ : ଦେଶର ପରବର୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି



ପାଇଛନ୍ତି ଜଷ୍ଟିସ ସଞ୍ଜୀବ ଖାନ୍ନା । ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପଦରେ ନିଯୁକ୍ତ କରିଛନ୍ତି । ବର୍ତମାନ ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରୁଥିବା ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ତାଙ୍କ ଉତରାଧିକାରୀ ଭାବେ ବରିଷ୍ଠତା ଦୃଷ୍ଟିରୁ ଜଷ୍ଟିସ ଖାନ୍ନାଙ୍କ ନାଁ ସୁପାରିସ କରିଥିଲେ । ଏହା ଉପରେ ଆଜି ମୋହର ବାଜିଛି । ଆସନ୍ତା ୧୧ ତାରିଖରେ ଜଷ୍ଟିସ ଖାନ୍ନା ପ୍ରଧାନ ବିଚାରପତି ଭାବେ ଶପଥ ନେବେ । ଆଜି ସମ୍ପର୍କରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି । ସମ୍ବିଧାନରେ ପ୍ରଦତ କ୍ଷମତାକୁ ବ୍ୟବହାର କରି ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା କରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ପରବର୍ତୀ ସିଜେଆଇ ଭାବେ ନିଯୁକ୍ତି ଦେଇଛନ୍ତି । ତାଙ୍କ କାର୍ଯ୍ୟକାଳ ନଭେମ୍ବର ୧୧ରୁ ଆରମ୍ଭ ହେବ ବୋଲି ଶ୍ରୀ ମେଘୱାଲ ଏକ୍ସରେ ଉଲ୍ଲେଖ କରିଛନ୍ତି । ବର୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅବସର ପରେ ଜଷ୍ଟିସ ଖାନ୍ନା ସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ଛଅ ମାସ ରହିବ ।

# ଦେଶରେ ଟିକସ ସରଳୀକରଣ ଯୋଗୁଁ ଆୟକର ଦାଖଲ ବୃଦ୍ଧି ପାଇଛି : ଏସ୍‌ବିଆଇ

ନୂଆଦିଲ୍ଲୀ :ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ଏକ ସଦ୍ୟତମ ରିପୋର୍ଟ ମୁତାବକ, ଦେଶରେ ଟିକସ ସରଳୀକରଣ ପଦକ୍ଷେପ କାରଣରୁ ଆୟକର ରିଟର୍ଣ୍ଣ (ଆଇଟିଆର) ଦାଖଲ ବୃଦ୍ଧି ପାଇଛି । ଟିକସ ଆକଳନ ବର୍ଷ (ଏୱାଇ) ୨୦୧୫ରୁ ୨୦୨୪ ମଧ୍ୟରେ ଆୟ ବିତରଣରେ ସକାରାତ୍ମକ ପରିବର୍ତନକୁ ପ୍ରଦର୍ଶିତ କରୁଛି । ଉଲ୍ଲେଖଯୋଗ୍ୟ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀଙ୍କ ଆୟ ଅସମାନତା ୭୪.୨% ହ୍ରାସ ପାଇଛି, ଯାହା ଦର୍ଶାଉଛି ଯେ ସରକାରୀ ପଦକ୍ଷେପ ନିମ୍ନ ଆୟବର୍ଗଙ୍କ ମଧ୍ୟରେ ରୋଜଗାର ବୃଦ୍ଧି କରୁଛି । ଏସବିଆଇ ରିପୋର୍ଟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ବିଷୟରେ ଅବତାରଣା କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ, ଭାରତର ପ୍ରଗତିଶୀଳ ଟିକସ ବ୍ୟବସ୍ଥା କାରଣରୁ ୨୦୨୪ ଆକଳନ ବର୍ଷରେ ମୋଟ୍ ଟିକସ ରାଜସ୍ୱରେ ପ୍ରତ୍ୟକ୍ଷ ଟିକସ ପରିମାଣ ୫୬.୭% ରହିଛି, ଯାହାକି ୧୪ ବର୍ଷ ମଧ୍ୟରେ ସର୍ବାଧିକ । ୨୦୨୧ ଆର୍ଥିକ ବର୍ଷରୁ ବ୍ୟକ୍ତିଗତ ଆୟକର (ପିଆଇଟି) ଆଦାୟ କର୍ପୋରେଟ୍ ଆୟକର (ସିଆଇଟି)କୁ ପଛରେ ପକାଇ ଦେଇଛି । ଏହା ସିଆଇଟିର ୩% ତୁଳନାରେ ୬% ହାରରେ ବୃଦ୍ଧି ପାଇଛି । ୨୦୨୪ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତ ୬.୬୪% ରେ ପହଂଚିଛି, ଯାହା କି ୨୦୦୦-୦୧ ପରଠାରୁ ସର୍ବାଧିକ । ପ୍ରତ୍ୟକ୍ଷ ଟିକସ ଆଦାୟ ପୂର୍ବ ଆର୍ଥିକ ବର୍ଷରେ ୧.୨୫ରୁ ୧.୮୬କୁ ବୃଦ୍ଧି ପାଇଛି । ଏହାବ୍ୟତୀତ ୨୦୨୪ ଆର୍ଥିକ ବର୍ଷରେ ଟିକସ ଆଦାୟ ଖର୍ଚ୍ଚ ୦.୪୪%କୁ ହ୍ରାସ ପାଇଛି, ଯାହାକି ୨୦୨୩ ଆର୍ଥିକ ବର୍ଷରେ ୦.୫୧% ଥିଲା । ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ମଧ୍ୟରେ ୫ଟି ରାଜ୍ୟରୁ ୭୦%ରୁ ଅଧିକ ଟିକସ ଆଦାୟ କରାଯାଇଛି । ଏହି ରାଜ୍ୟଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ୩୮.୯% ସହ ସବୁଠୁ ଆଗରେ ଥିବା ବେଳେ କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ ଏବଂ ଗୁଜରାଟ ଏହା ପଛକୁ ରହିଛନ୍ତି । ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ ଏବଂ ତାମିଲନାଡୁରେ ମୁଣ୍ଡପିଛା ଟିକସ ଅବଦାନ ଜାତୀୟ ହାରାହାରିଠାରୁ ଅଧିକ ରହିଥିବା ଏସବିଆଇ ରିପୋର୍ଟରେ ଦର୍ଶାଯାଇଛି । ଅପରପକ୍ଷରେ ରାଜସ୍ଥାନ, ପଞ୍ଜାବ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ମଧ୍ୟପ୍ରଦେଶ ଓ ଉତରପ୍ରଦେଶରେ ମୁଣ୍ଡପିଛା ପ୍ରତ୍ୟକ୍ଷ ଟିକସ କମ୍ ଓ ମୁଣ୍ଡପିଛା ଆୟ କମ୍ ରହିଛି । ୨୦୨୫ ଆକଳନ ବର୍ଷରେ ଟିକସ ପ୍ରଦାନକାରୀଙ୍କ ସଂଖ୍ୟା ୯କୋଟି ଅତିକ୍ରମ କରିଯିବ ବୋଲି ଆଶା କରାଯାଉଛି । ୨୦୨୨ରେ ୭.୩ କୋଟି ଲୋକ ଆଇଟିଆର ଦାଖଲ କରିଥିବା ବେଳେ ୨୦୨୪ରେ ଏହା ୮.୬ କୋଟିକୁ ବୃଦ୍ଧି ପାଇଛି । ୬.୮୯ କୋଟି ବା ୭୯% ଲୋକ ଠିକ୍ ସମୟରେ ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି । ଗତ ଦଶ ବର୍ଷ ମଧ୍ୟରେ ମୋଟ୍ ଟିକସଦାତାଙ୍କ ସଂଖ୍ୟା ୨.୩ ଗୁଣା ବୃଦ୍ଧି ପାଇ ୨୦୨୪ରେ ୮.୬୨ କୋଟିରେ ପହଞ୍ଚିଛି । ସେହିପରି ୨୦୧୪ ତୁଳନାରେ ୨୦୨୪ରେ କୋଟିପତି ଟିକସଦାତାଙ୍କ ସଂଖ୍ୟା ପାଂଚଗୁଣା ବୃଦ୍ଧି ପାଇ ୨.୨ ଲକ୍ଷରେ ପହଁଛି । ସବୁ ବ୍ୟକ୍ତିଗତ ଟିକସଦାତାଙ୍କ ମଧ୍ୟରେ ମହିଳା ଟିକସଦାତାଙ୍କ ସଂଖ୍ୟା ଆନୁମାନିକ ୧୫% ରହିଛି ।

# ନ୍ୟୁଜିଲାଣ୍ଡ ୩୦୧ ରନରେ ଅଗ୍ରଣୀ



ପୁଣେ: ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଦୃଢ଼ ସ୍ଥିତିରେ ରହିଛି । ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୩୦୧ ରନର ଅଗ୍ରଣୀ ହାସଲ କରିନେଇଛି । ହାତରେ ଆଉ ୩ ଦିନ ଖେଳ ବାକିଥିବାରୁ ମ୍ୟାଚର ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ତୃତୀ ଦିବସ ପ୍ରଥମ ସେଶନ ଟିମ ଇଣ୍ଡିଆ ବୋଲରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଛି । ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୫ ୱିକେଟ ବିନିମୟରେ ୧୯୮ ରନ ସଂଗ୍ରହ କରିନେଇଛି । ଟମ ଲାଥାମ ୮୬ ରନ କରିଥିଲେ । ଟମ ବ୍ଲଣ୍ଡେଲ ୩୦ ଓ ଗ୍ଲେନ ଫିଲିପ୍ସ ୯ ରନ କରି ଅପରାଜିତ ରହିଛନ୍ତି । ୱାଶିଂଟନ ସୁନ୍ଦର ୪ଟି ଏବଂ ରବିଚନ୍ଦ୍ରନ ଅଶ୍ୱୀନ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି । ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୨୫୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଭାରତ ପୂନର୍ବାର ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନ କରି ୧୫୬ ରନରେ ଅଲଆଉଟ ହୋଇ ଯାଇଥିଲା । ମିଚେଲ ସାଂଟେନର ୭ଟି ୱିକେଟ ଅକ୍ତିଆର କରି ଭାରତୀୟ ବ୍ୟାଟିଂ ଲାଇନ ଅପକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲେ । ୩ମ୍ୟାଚ ବିଶିଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ପ୍ରଥମ ମ୍ୟାଚରେ ବିଜୟ ହାସଲ କରି ୧-୦ର ଅଗ୍ରଣୀ ହାସଲ କରି ନେଇଛି ।

Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Chief Editor- Dulal Mishra, ମୁଖ୍ୟ ସମ୍ପାଦକ-ଦୁଲାଲ ମିଶ୍ର, Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି